# କଟକ ସିଟି



■ ଛାତ୍ରୀଙ୍କୁ ଛୁରିରେ ଆକ୍ରମଣ ଘଟଣା

## ଭୁବନେଶ୍ୱରରୁ ଧରାହେଲା ଅଭିଯୁକ୍ତ

କଟକ,୮।୧(ସମିସ): ଜଣେ ଛାତ୍ରୀଙ୍କୁ ଛୁରୀରେ ଆକ୍ରମଣ କରି ଫେରାର ହୋଇଯାଇଥିବା ଯୁବକକୁ ପୁରୀଘାଟ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଚୌଧୁରୀ ବଜାର ଜୁବୁଲି ଟାୱାର ଛକ ନିକଟର ରମୁ ଓରଫ ରମେଶ ଚନ୍ଦ୍ର ବେହେରା(୩୦)। ଭୁବନେଶ୍ୱରରୁ ତାକୁ ଗିରଫ କରାଯାଇଥିବା ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

ମାଣିକଘୋଷ ବଜାର ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଅଭିଯୁକ୍ତ ରମୁ ଏକତରଫା ପ୍ରେମ କରୁଥିଲା। ପୂର୍ବରୁ ଅନେକଥର ଛାତ୍ରୀଙ୍କୁ ରାସ୍ତାଘାଟରେ ଅଟକାଇ ପ୍ରେମ ନିବେଦନ ସହିତ ହଇରାଣ ହରକତ କରୁଥିଲା। ଏପରିକି ତାକୁ ମାରି ନିଜେ ଆତ୍ମହତ୍ୟା କରିବ ବୋଲି ଧମକ ଦେଇ ଆସୁଥିଲା। ଏଥିରୁ ନିବୃତ୍ତ ରହିବା ଲାଗି ରମୁକୁ ତାଗିଦ କରାଯିବା ସତ୍ତ୍ୱେ ତାର ସ୍ୱଭାବରେ ପରିବର୍ତ୍ତନ ଘଟିନଥିଲା। ଗତ ୫ ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣକ ସିଏମସି ଅଫିସ ନିକଟ ଚନ୍ଦନ ପୋଖରୀ ରାସ୍ତା ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ରମୁ ଆସି ତାଙ୍କୁ ଅଟକାଇବା ସହିତ ପୂର୍ବପରି ପ୍ରେମ ନିବେଦନ କରିଥିଲା। ଛାତ୍ରୀ ଜଣକ ତା କଥାକୁ ଅଣଦେଖା କରିବାରୁ ରମୁ ପାଖରେ ରଖିଥିବା ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୀଡିତାଙ୍କୁ ତୁରନ୍ତ ମେଡିକାଲ ପଠାଯାଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଅଭିଯୁକ୍ତ ରମୁର ମୋବାଇଲ ବନ୍ଦ ଥିବାରୁ ତାକୁ ଧରିବା ପାଇଁ ସମସ୍ୟା ହୋଇଥିଲା। ଭୁବନେଶ୍ୱର ପଟିଆ ଥାନା ଅନ୍ତର୍ଗତ ଶିଖରଚଣ୍ଡୀରୁ ତାକୁ ପୁଲିସ ଧରିଛି।

## ଅଗ୍ନିବିପନ୍ନଙ୍କୁ ସହାୟତା



ଚୌଦ୍ୱାର,୮।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ପଞ୍ଚାୟତର ଜେମାଦେଇପୁର ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡରେ ପୀଡ଼ିତଙ୍କୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ସହାୟତା ପ୍ରଦାନ କରାଯାଇଛି। ସଂସଦ ସଭାପତି କେସି ପ୍ରତାପ ସିଂହ, ଗୌତମ ଆଚାର୍ଯ୍ୟ, ମନୋଜ ସ୍ୱାଇଁ ପ୍ରମୁଖ ଜେମାଦେଇପୁରର ଅଗ୍ନି ବିପନ୍ନ ରେହେମତ୍ ଖାଁଙ୍କ ପରିବାରକୁ ଶାଢ଼ି, ଲୁଙ୍ଗି, ଗାମୁଛା ସହିତ ବିସ୍କୁଟ ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଭୟାବହ ଅଗ୍ନିକାଣ୍ଡରେ ରେହେମତ୍ଙ୍କ ୩ ବଖରା ଘର ସହିତ ସମସ୍ତ ଘରକରଣା ସାମଗ୍ରୀ, ଧାନ ଚାଉଳ, ଲୁଗାପଟା ପୋଡ଼ି ପାଉଁଶ ହୋଇଯାଇଛି। ଅନୁରୂପଭାବେ ଟାଙ୍ଗୀ ହାଟେଶ୍ୱର ଜନ କଲ୍ୟାଣ ସମିତି ତରଫରୁ ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି।

### ଡିଏମ୍‌ଇଟିଙ୍କ ଚିଠିକୁ ନେଇ ଦ୍ୱନ୍ଦ୍ୱ

# ଚାକିରି ଚିନ୍ତାରେ ଏସ୍‌ସିବିର ୨୪ ଡାକ୍ତର

କଟକ,୮।୧(ସମିସ): ରାଜ୍ୟରେ ଡାକ୍ତର ସଙ୍କଟକୁ ଦୂର କରିବା ପାଇଁ ପୂର୍ବ ସରକାର ଯଥେଷ୍ଟ ଉଦ୍ୟମ କରିଥିଲେ। ନବୀନ ସରକାର ଅମଳରେ ବିଭିନ୍ନ ଜିଲ୍ଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା। ଯଦ୍ୱାରା ଡାକ୍ତର ସଂଖ୍ୟା ବୃଦ୍ଧି ପାଇବା ସହ ସରକାରୀ ହସ୍ପିଟାଲ ଗୁଡିକରେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେବନାହିଁ। ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ କଟକ ବଡ ମେଡିକାଲରେ ଡାକ୍ତର ସଙ୍କଟ ଲାଗି ରହିଛି। ମାତ୍ର ଏପରି ପରିସ୍ଥିତିରେ ଡିଏମଇଟିଙ୍କ କାର୍ଯ୍ୟାଳୟରୁ ଗତ ୬ ତାରିଖରେ ଏକ ଚିଠି(ନଂ-୨୩୭) ଜାରି ହୋଇଛି। ରାଜ୍ୟର ସମସ୍ତ ସରକାରୀ ମେଡିକାଲରେ ଚୁକ୍ତି ଭିତ୍ତିରେ କିମ୍ବା ଡେପୁଟେସନରେ ୪ବର୍ଷ କାର୍ଯ୍ୟ କରି ସାରିଥିବା ଡାକ୍ତରଙ୍କୁ ଛଟେଇ କରିବାକୁ ଏଥିରେ ନିର୍ଦ୍ଦେଶ ରହିଛି। ଏହି ଚିଠିକୁ ନେଇ ବଡ ଦ୍ୱନ୍ଦ ଉପୁଜିଥିବା ବେଳେ ଚାକିରି ଚିନ୍ତାରେ ପଡିଛନ୍ତି ଏସ୍‌ସିବି ମେଡିକାଲର ୨୪ଜଣ ଡାକ୍ତର।

କିଛି ଦିନ ପୂର୍ବେ ଓଡ଼ିଶା ମେଡିକାଲ କଲେଜ ଫାକଲଟିଜ ଆସୋସିଏସନ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ସଂଘର ଦାବି ଏହା ଥିଲା ଯେ, ରାଜ୍ୟରେ ଡାକ୍ତରମାନଙ୍କ ଅଭାବ ରହୁଛି। ସରକାରୀ ମେଡିକାଲରେ ଆବଶ୍ୟକ ତୁଳନାରେ

**ଚୁକ୍ତି ଭିତ୍ତିରେ ୪ବର୍ଷ ପୂରଣ କରିଥିବା ଡାକ୍ତରଙ୍କୁ ଛଟେଇ ନିର୍ଦ୍ଦେଶ**

**ବିଚାରବିମର୍ଶ ପାଇଁ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ**

**ସ୍ୱାସ୍ଥ୍ୟମନ୍ତ୍ରୀ ଓ ଡିଏମଇଟିଙ୍କ ଭିତରେ ତାଳମେଳର ଅଭାବ!**

ଡାକ୍ତର ନାହାନ୍ତି। ଦିନକୁ ଦିନ ରୋଗୀ ଭାର ବଢୁଛି। ଏଣୁ ଚୁକ୍ତି ଭିତ୍ତିରେ ଆସିଷ୍ଟାଣ୍ଟ ପ୍ରଫେସର ରୂପେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କୁ ଛଟେଇ କରିବା ପରିବର୍ତ୍ତେ ସେମାନଙ୍କୁ ଏକାଡେମିକ ପଦୋନ୍ନତି ଦିଆଯାଉ। ଏଭଳି ନିଷ୍ପତ୍ତି ବଳରେ ସ୍ୱାସ୍ଥ୍ୟସେବା ସୁଦୃଢ଼ ହୋଇ ପାରିବ। ଏହା ପରେ ଗତ ଡିସେମ୍ବର ୨୪ରେ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସଚିବଙ୍କୁ ଏକ ଚିଠି ଲେଖିଥିଲେ। ସଂଘର ଏହି ଦାବିକୁ ବିଚାରକୁ ନେବା ସହ ଡାକ୍ତର



ସଙ୍କଟ କିପରି ନହେବ ସେ ଦିଗରେ ବିଚାରବିମର୍ଶ କରି ନିଷ୍ପତ୍ତି ନେବାକୁ ପରାମର୍ଶ ଦେଇଥିଲେ। ମାତ୍ର ଏହି ଘଟଣାରେ କୌଣସି ପଦକ୍ଷେପ ନିଆଯିବା ପରିବର୍ତ୍ତେ ଡିଏମଇଟିଙ୍କ ପକ୍ଷରୁ ଜାରି ହୋଇଥିବା ଏକ ଚିଠି ଏବେ ଡାକ୍ତରମାନଙ୍କ ଭିତରେ ଭାଳେଣି ପକାଇଛି।

ଏସ୍‌ସିବି ମେଡିକାଲର ଜଣେ ଡାକ୍ତର ଏହି ଘଟଣା ବାବଦରେ କହିଛନ୍ତି ଯେ, ଡିଏମଇଟିଙ୍କ ଏହି ଚିଠି ନୀତି ଆୟୋଗର ବିରୋଧ। ଦେଶରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନୀତି ଆୟୋଗ ଏକ ମାର୍ଗଦର୍ଶିକା ଜାରି କରିଥିଲା। ନୂଆଦିଲ୍ଲୀର ଆଇଏଲବିଏସ୍ ଏବଂ ଆରଜିସିଆଇ ଭଳି ହସ୍ପିଟାଲକୁ ଉଦାହରଣ ନିଆଯାଇ ପାରିବ। ସେଠାରେ ମଧ୍ୟ ସମାନ ନିୟମ ରହିଛି। ଚୁକ୍ତି ଭିତ୍ତିରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କୁ ୪ବର୍ଷର କାର୍ଯ୍ୟକାଳ ପରେ ଦାୟିତ୍ୱରୁ ପ୍ରତ୍ୟାହୃତ କରିବାକୁ ନିୟମ ରଖାଯାଇଛି। ତଥାପି ନୀତି ଆୟୋଗ ପୁସ୍ତିକାରେ ଦେଶର ଏହି ଦୁଇ ପ୍ରତିଷ୍ଠିତ ହସ୍ପିଟାଲକୁ ଉଦାହରଣ ନିଆଯାଇଛି। ସେଠାରେ ନିୟମ ଥାଇ ସୁଦ୍ଧା ଚୁକ୍ତି ଭିତ୍ତିରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କୁ ୪ବର୍ଷର କାର୍ଯ୍ୟକାଳ ପରେ ଦାୟିତ୍ୱରୁ ହଟାଇ ଦିଆଯାଉନାହିଁ। ଓଡ଼ିଶାରେ ଡାକ୍ତର ସଙ୍କଟ ବଡ ପ୍ରସଙ୍ଗ ହୋଇଥିବା ଯୋଗୁଁ ସାମ୍ପ୍ରତିକ ପରିସ୍ଥିତିରେ ଡିଏମଇଟିଙ୍କ ଚିଠି ଅନାବଶ୍ୟକ ବୋଲି ସେ କହିଛନ୍ତି।

### ରେଭେନ୍ସା ଆଥ୍‌ଲେଟିକ ମିଟ୍

## ପଞ୍ଚାନନ, ସ୍ୱାତୀ ଚାମ୍ପିଅନ

କଟକ,୮।୧(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଆଥଲେଟିକ ମିଟ୍ ଉଦଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳକ ବର୍ଗରେ ପଞ୍ଚାନନ ବିଭାର ଏବଂ ବାଳିକା ବର୍ଗରେ ସ୍ୱାତୀ ଉପାଧ୍ୟାୟ ଚାମ୍ପିଅନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ପ୍ରଭାତ କୁମାର ମିଶ୍ର, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଡଃ ମନୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ଧର୍ମବ୍ରତ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡଃ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରତିଯୋଗିତା ଏବଂ ପ୍ରଫେସର ସୌମେନ୍ଦ୍ର ନାୟକ, ଡଃ କାଶ୍ମୀରା ମୁର୍ମୁ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିଲେ।



## ବାରଙ୍ଗରେ ନୂତନ ଥାନାଧିକାରୀଙ୍କ ଯୋଗଦାନ



ତ୍ରିଶୂଳିଆ,୮।୧(ସମିସ): କମିସନରେଟ ପୁଲିସ କଟକ ସହରାଞ୍ଚଳ ପୁଲିସର ବାରଙ୍ଗ ଥାନାରେ ନୂତନ ଥାନାଧିକାରୀଙ୍କ ଯୋଗଦାନ। ମଙ୍ଗଳବାର ସନ୍ଧ୍ୟାରେ ବାରଙ୍ଗ ଥାନାର ନୂତନ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ ବିଦ୍ଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସେ କଟକ ସହରାଞ୍ଚଳ ଚାଉଳିଆଗଞ୍ଜ ଥାନାର ଥାନାଧିକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ପୂର୍ବରୁ ବାରଙ୍ଗରେ ଥିବା ଥାନା ଅଧିକାରୀ ବିଶ୍ୱରଂଜନ ନାୟକଙ୍କ ପୁରୀଘାଟ ଥାନାକୁ ବଦଳି ହୋଇଛି। ବାରଙ୍ଗରେ ନୂତନ ଥାନାଧିକାରୀଙ୍କ ଯୋଗଦାନ ପରେ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ଶୁଭେଚ୍ଛା ଜଣାଯାଇଛି। ପୂର୍ବରୁ ଦେବେନ୍ଦ୍ର ବିଶ୍ୱାଳ ଚନ୍ଦକା ଥାନାଧିକାରୀ ଭାବେ କାର୍ଯ୍ୟ ତୁଲାଇବା ସମୟରେ ସେଠାର ଥାନାର ରୂପରେଖ ସଂପୂର୍ଣ ବଦଳାଇ ଦେଇଥିଲେ। ଥାନା ପରିସର ଠାରୁ ଆରମ୍ଭ କରି ନିଜର କାର୍ଯ୍ୟଶୈଳୀ ପାଇଁ ବେଶ ପ୍ରଶଂସାର ପାତ୍ର ହୋଇପାରିଥିଲେ।

### ପ୍ରବାସୀ ଭାରତୀୟଙ୍କ ପାଇଁ କଟକରେ ଉତ୍ସବର ମାହୋଲ୍

# ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା ସହ ମହାନଦୀ ତଟରେ ଅବସର ବିନୋଦନ











କଟକ,୮।୧(ସମିସ): ପ୍ରବାସୀ ଭାରତୀୟ ସମ୍ମିଳନୀ ଭୁବନେଶ୍ୱରରେ ଆଜି ଉଦଘାଟିତ ହୋଇଥିଲେ ହେଁ କଟକ ସହରରେ ବି ପ୍ରବାସୀଙ୍କ ଆଗମନ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଆଜି ହଜାର ବର୍ଷର କଟକ ସହରକୁ ବୁଲିଆସିଥିଲେ ଏକାଧିକ ପ୍ରବାସୀ ଭାରତୀୟ। ଚଣ୍ଡି ମନ୍ଦିରରେ ପୂଜାର୍ଚ୍ଚନା କରି ନେତାଜୀଙ୍କ ଜନ୍ମପୀଠ ବୁଲିବା ସହ ମହାନଦୀ ତଟରେ ଅବସର ବିନୋଦନ କରିଥିଲେ ସେମାନେ। ଆଉ ସେମାନେ ବି କଟକର ସଂସ୍କୃତି, ପରମ୍ପରା ସମ୍ପର୍କରେ ଅବଗତ ହୋଇଥିଲେ। ଏପରିକି ଯିବା ବେଳେ କଟକର ଆତିଥ୍ୟକୁ ଭୁରି ପ୍ରଶଂସା କରିଥିଲେ ସେମାନେ।

### ବିଶ୍ୱ ବୀର ନେତାଜୀଙ୍କ ଜନ୍ମସ୍ଥାନରେ ମନ୍ଦିରର ଅନୁଭୂତି



ଆଜି କଟକ ଆସିଥିବା ସମସ୍ତ ପ୍ରବାସୀ ଭାରତୀୟଙ୍କ ପ୍ରଥମ ପସନ୍ଦ ଥିଲା ସ୍ୱାଧୀନତା ସଂଗ୍ରାମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ। କିଛି ପ୍ରବାସୀ କଟକ ସହରକୁ ଆସି ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରି ବୁଲି ଆଶ୍ଚର୍ଯ୍ୟ ହୋଇଥିଲେ। ଏପରିକି ଏଠାକୁ ଆସିଲେ ମନ୍ଦିରର ଅନୁଭୂତି ମନରେ ସୃଷ୍ଟି ହୋଇଛି ବୋଲି କେତେକ ପ୍ରବାସୀ ଏଠାରେ ଥିବା ପରିଦର୍ଶକ ପୁସ୍ତିକାରେ ଉଲ୍ଲେଖ କରିଛନ୍ତି। ଏହାବାଦ ନ୍ୟାୟିକ ମ୍ୟୁଜିୟମ, ଯୋବ୍ରା ମାରିଟାଇମ ମ୍ୟୁଜିୟମ ଆଦି ବୁଲି ଦେଖିଥିଲେ ଏମାନେ। ଏ ସବୁ ସ୍ଥାନର ବିଶେଷତ୍ୱ ସମ୍ପର୍କରେ ସେମାନେ ଅଜ୍ଞ ଥିଲେ। ଏହି ସ୍ଥାନକୁ ଅଧିକରୁ ଅଧିକ ପର୍ଯ୍ୟଟକ ଆସନ୍ତୁ ବୋଲି କହିଛନ୍ତି।

### କଟକ ପରିଭ୍ରମଣ କଲେ ୫୭ ଜଣ

ଦୁଇ ଜଣ ଆମେରିକୀୟ ପ୍ରଥମ ପ୍ରବାସୀ ଭାବେ କଟକ ସହରରେ ପଦାର୍ପଣ କରିଥିଲେ। ଏହା ପରେ ଦୁବାଇର ୧୫ ଜଣ ତଥା ସଂଧ୍ୟା ସମୟରେ ବିଭିନ୍ନ ଦେଶର ୪୦ଜଣିଆ ଦଳ ସର୍ବମୋଟ ୫୭ ଜଣ ପ୍ରବାସୀ ଭାରତୀୟମାନେ କଟକ ପରିଭ୍ରମଣରେ ଆସିଥିଲେ। ପ୍ରବାସୀ ଭାରତୀୟଙ୍କ ସ୍ୱାଗତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀ ଫେଷ୍ଟିଭାଲର ଆୟୋଜନ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବା ମହାନଦୀ ଫେଷ୍ଟିଭାଲରେ ସାମିଲ ହୋଇ ପାରମ୍ପରିକ ନୃତ୍ୟ ସଂଗୀତରେ ନିଜକୁ ହଜାଇଥିଲେ ଏହି ପ୍ରବାସୀ। ହସ୍ତତନ୍ତ, ଚିତ୍ରକଳା, ତାରକସୀ ଆଦିରେ ନିର୍ମିତ ହୋଇଥିବା ଉତ୍ପାଦ ଗୁଡ଼ିକର ପ୍ରଦର୍ଶନୀ ମେଳା ବୁଲି ଦେଖିବା ସହ ଘରୋଇ ଢ଼ାଞ୍ଚାରେ ପ୍ରସ୍ତୁତି ଏବଂ ପାରମ୍ପାରିକ ଖାଦ୍ୟପେୟର ମଜା ନେଇଥିଲେ। ଆସନ୍ତା ଦୁଇ ଦିନ ମଧ୍ୟରେ ଅଧିକରୁ ଅଧିକ ପ୍ରବାସୀ ଭାରତୀୟ କଟକ ଆସିବାର କାର୍ଯ୍ୟକ୍ରମ ରହିଛି।

### ଖାଇଲେ କଟକ ଦହିବରା; କିଣିଲେ ମାଣିଆବନ୍ଧ ଶାଢ଼ି



ପ୍ରବାସୀଙ୍କ ପାଇଁ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ସିଲଭରସିଟି ବୋଟ କ୍ଲବ। ଏଠାରେ ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଖୋଲିଥିଲା ସୁସ୍ୱାଦୁ ଦହିବରା ଆଳୁଦମର ପସରା। କଟକ ଦହିବରା ଦେଶରେ ନିଆରା ବୋଲି ସେମାନେ କହିଥିଲେ। ସେହିଭଳି କେତେକ ରସଗୋଲା ବି କିଣିନେଇଥିଲେ। ଏଠାରେ ଖୋଲିଥିବା ମାଣିଆବନ୍ଧ ହସ୍ତତନ୍ତ ସାମଗ୍ରୀର ଷ୍ଟଲରୁ ଶାଢୀ କିଣିଥିଲେ ପ୍ରବାସୀ। ବୁଲାବୁଲି ସାରି ମହାନଦୀ ତଟରେ ବସି ଅବସର ବିନୋଦନ କରିଥିଲେ ସମସ୍ତେ।

### ରଙ୍ଗୀନ ଆଲୋକମାଳାରେ ଝଲସୁଛି ସହର

ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ପୁରା ଦମରେ ଲାଗିପଡିଛି ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନ। କଟକ ସହର ରଙ୍ଗୀନ ଆଲୋକମାଳାରେ ସଜେଇ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ରାସ୍ତା ପାଶ୍ୱର୍ ପ୍ରାଚୀରରେ ଅଙ୍କାଯାଇଥିବା ଚିତ୍ରକଳା ମଧ୍ୟ ମନମୋହିଛି।



**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୬୫
- ପାଉଣ୍ଡ ୧୦୭.୧୬
- ୟୁରୋ ୮୮.୯୨
- ୟେନ୍ ୦.୫୪

**ସୁନା, ରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୨,୩୧୦ (ନୂଆଦିଲ୍ଲୀ)
- ରୁପା : ୯୫,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୧୪୮.୦୦
- ନିଫ୍ଟି ୨୩,୬୮୮.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଲଣ୍ଡନର ଆଇକନିକ୍ ରିଭରସାଇଟ୍ ଷ୍ଟୁଡିଓ କିଣିଲେ ବେଦାନ୍ତ ମୁଖ୍ୟ

ନୂଆଦିଲ୍ଲୀ,୮।୧(ଏଜେନ୍ସି): ଇଂଲଣ୍ଡରେ ଆଉ ଜଣେ ଭାରତୀୟଙ୍କ ପ୍ରଭାବ । ଲଣ୍ଡନର ଆଇକନିକ୍ ରିଭରସାଇଡ୍ ଷ୍ଟୁଡିଓ କିଣିଲେ ବେଦାନ୍ତ ଗ୍ରୁପ୍ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ । ଏ ନେଇ ବୁଧବାର (ଜାନୁଆରୀ ୭) କମ୍ପାନୀ ଏକ ପ୍ରେସ ବିଜ୍ଞପ୍ତି ଜାରି କରି



ସୂଚନା ଦେଇଛି । ରିଭରସାଇଡ୍ ଷ୍ଟୁଡିଓ ଲଣ୍ଡନର ସେଣ୍ଟରର ଥମ୍ସ ନଦୀର ଉତ୍ତର ଉପକୂଳରେ ଅବସ୍ଥିତ । ଏହି ଷ୍ଟୁଡିଓ କଳା ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ୧୦୦ ବର୍ଷ ପୁରୁଣା ଏହି ଷ୍ଟୁଡିଓ ବର୍ତ୍ତମାନ ଅନିଲ ଅଗ୍ରୱାଲ ରିଭରସାଇଡ୍ ଷ୍ଟୁଡିଓ ଟ୍ରଷ୍ଟ ନାମରେ ପରିଚିତ ହେବ । ଏହି ଷ୍ଟୁଡିଓ କିଣିବା ପରେ ବେଦାନ୍ତ ଚେୟାରମ୍ୟାନ୍ ଅନୀଲ ଅଗରୱାଲ ଖୁସୀ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି , ମୁଁ ସବୁବେଳେ ବିଶ୍ୱାସ କରି ଆସିଛି ଯେ କଳାରେ ସୀମା ଅତିକ୍ରମ କରିବା, ଲୋକଙ୍କୁ ଏକଜୁଟ କରିବା ଏବଂ ମାନବୀୟ ଅନୁଭବକୁ ବଢ଼ାଇବାର ଶକ୍ତି ଅଛି । ଭାରତୀୟ ତଥା ବିଶ୍ୱକ କଳା ଏବଂ ସଂସ୍କୃତି ପ୍ରଦର୍ଶନ ପାଇଁ ରିଭରସାଇଡ୍ ଷ୍ଟୁଡିଓ ଏକ ଅଗ୍ରଣୀ ବିଶ୍ୱ ଗନ୍ତବ୍ୟସ୍ଥଳ ହେବ । ସେହିପରି ଭାରତୀୟ କଳା ଓ ସିନେମା ଜଗତକୁ ସେ ତାଙ୍କ ଷ୍ଟୁଡିଓକୁ ନିମନ୍ତ୍ରଣ ଜଣାଇଛନ୍ତି । ସେ କହିଛନ୍ତି "ଏହି ବିଶ୍ୱ ପ୍ରସିଦ୍ଧ ସ୍ଥାନରେ ନିଜ ନିଜର କଳା ପ୍ରତିଭା ଏବଂ ସିନେମା ସମ୍ପର୍କିତ ଗଭୀର ପ୍ରଦର୍ଶନ କରିବାକୁ ମୁଁ ଭାରତୀୟ କଳାକାର ଏବଂ ଚଳଚ୍ଚିତ୍ର ନିର୍ମାତାଙ୍କୁ ନିମନ୍ତ୍ରଣ କରୁଛି । ଫଳରେ ଏହାର ସମୃଦ୍ଧି ପ୍ରକୃତରେ ଅନୁଭୂତ ହେବ । ବର୍ତ୍ତମାନ ବିଭିନ୍ନ କ୍ଷେତ୍ରର ବିଶ୍ୱସ୍ତରୀୟ ନେତାମାନେ ଏଠାକୁ ଆସି ସେମାନଙ୍କର ବାସ୍ତବ ଜୀବନର ଅନୁଭୂତି ଏବଂ ଯାତ୍ରା ସହିତ ଦର୍ଶକଙ୍କୁ ଆକର୍ଷିତ କରିବାର ସୁଯୋଗ ପାଇବେ ।

**ଆଦାନୀଙ୍କୁ ଆଶ୍ୱସ୍ତି**

# ଲାଞ୍ଚ ମାମଲାରେ ୟୁଏସ୍ କଂଗ୍ରେସର ସମର୍ଥନ

ୱାଶିଂଟନ୍,୮।୧(ଏଜେନ୍ସି): ଭାରତୀୟ ବିଲିୟନେୟାର ଗୌତମ ଆଦାନୀଙ୍କ ପାଇଁ ଏକ ଖୁସି ଖବର । ଲାଞ୍ଚ କାରବାର ମାମଲାରେ ବାସ୍ତବରେ ଆମେରିକାର ବାଇଡେନ୍ ପ୍ରଶାସନ ସମୟରେ ଆରମ୍ଭ ହୋଇଥିବା ଅନୁସନ୍ଧାନରେ ଗୌତମ ଆଦାନୀଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ଏହି ପ୍ରସଙ୍ଗରେ ତାଙ୍କୁ ଆମେରିକୀୟ କଂଗ୍ରେସ

**ଭାରତ ସହ ବନ୍ଧୁତ୍ୱ ଖରାପ ହେବ:ଗୁଡେନ୍**

ସଂସଦଙ୍କ ସମର୍ଥନ ମିଳିଛି । ଭାରତୀୟ ବିଲିୟନେୟାର ଗୌତମ ଆଦାନୀଙ୍କ କାର୍ଯ୍ୟକଳାପର ଅନୁସନ୍ଧାନ ପାଇଁ ବାଇଡେନ ପ୍ରଶାସନର ନିଷ୍ପତ୍ତିକୁ ରିପବ୍ଲିକାନ୍ ସଂସଦ ଲାନ୍ସ ଗୁଡେନ୍ ଚ୍ୟାଲେଞ୍ଜ କରିଛନ୍ତି । ସେ ଆମେରିକାର ଆଟର୍ଣ୍ଣି ଜେନେରାଲ ମେରିକ ଗାରଲ୍ୟାଣ୍ଡଙ୍କୁ ୭ ଜାନୁୟାରୀ ୨୦୨୫ ରେ ଲେଖିଥିବା ଏକ ଚିଠିରେ କହିଛନ୍ତି ଯେ ଏହିପରି ମନୋନୀତ କାର୍ଯ୍ୟାନୁଷ୍ଠାନ ଭାରତ ଭଳି



ପ୍ରମୁଖ ସହଯୋଗୀମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବନ୍ଧୁତାକୁ ଦୁର୍ବଳ କରିପାରେ । ଏହାଛଡା ଯଦି ଭାରତ ଗୌତମ ଆଦାନୀଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ଖାରଜ କରେ ତେବେ ଆରେିକା କ'ଣ କରିବ ବୋଲି ଗୁଡେନ୍ ପ୍ରଶ୍ନ କରିଛନ୍ତି ।

ଗୁଡେନ୍ ବିଦେଶୀ ସଂସ୍ଥାଗୁଡ଼ିକର ନ୍ୟାୟ ବିଭାଗର ମନୋନୀତ କାର୍ଯ୍ୟାନୁଷ୍ଠାନ ବିଷୟରେ ମଧ୍ୟ ଉତ୍ତର ମାଗିଛନ୍ତି । ଆମେରିକାର ବିଶ୍ୱସ୍ତରୀୟ ସହଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଏଭଳି କାର୍ଯ୍ୟ ହୋଇପାରେ ବୋଲି ସେ ପ୍ରଶ୍ନ କରିଛନ୍ତି । ଜର୍ଜ ସୋରୋସଙ୍କ ସହ ଏହାର କୌଣସି ସମ୍ପର୍କ ଅଛି କି ନାହିଁ ସେ ଚିଠିରେ ମଧ୍ୟ ପଚାରିଛନ୍ତି । ଜାନୁୟାରୀ ୭ରେ ଗୁଡେନ ତାଙ୍କ ଚିଠିରେ ଲେଖିଛନ୍ତି ଯେ ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକାର ଅନ୍ୟତମ ପ୍ରମୁଖ ସହଯୋଗୀ ଭାରତ ଭଳି ପ୍ରମୁଖ ସହଯୋଗୀମାନଙ୍କ ସହ ନ୍ୟାୟ ବିଭାଗର ଏହି ମନୋନୀତ କାର୍ଯ୍ୟାନୁଷ୍ଠାନ ସମ୍ପର୍କକୁ ଖରାପ କରିବାର ଆଶଙ୍କା ରହିଛି ।

ସେ ଏହା ମଧ୍ୟ କହିଛନ୍ତି ଯେ ଏହିପରି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆମେରିକାରେ କୋଟି କୋଟି ଟଙ୍କା ବିନିଯୋଗ କରି ହଜାର ହଜାର ନିଯୁକ୍ତି ସୃଷ୍ଟି କରୁଥିବା କମ୍ପାନୀଗୁଡ଼ିକୁ ଟାର୍ଗେଟ କରିଥାଏ । ସେ କହିଛନ୍ତି ଯେ ଯେତେବେଳେ ଆମେରିକା ହିଂସାତ୍ମକ ଅପରାଧ, ଅର୍ଥନୈତିକ ଗୁପ୍ତଚର ଏବଂ ଚୀନ୍ କମ୍ୟୁନିଷ୍ଟ ପାର୍ଟି (ସିସିପି) ଆଡୁ ସୃଷ୍ଟି ହୋଇଥିବା ଧମକକୁ ଅଣଦେଖା କରେ, ସେତେବେଳେ ଏହା ନିବେଶକମାନଙ୍କୁ ଆମେରିକାରେ ବିନିଯୋଗ କରିବାକୁ ବାରଣ କରୁଛି ।

# ବନ୍ଦ ହୋଇପାରେ ସୋଭରେନ୍ ଗୋଲ୍ଡ ବଣ୍ଡ ସ୍କିମ୍

ନୂଆଦିଲ୍ଲୀ,୮।୧(ଏଜେନ୍ସି):ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସୋଭରେନ୍ ଗୋଲ୍ଡ ବଣ୍ଡ (ଏସ୍‌ଜିବି) ସ୍କିମ୍ ବନ୍ଦ କରିପାରନ୍ତି । ଫେବୃଆରୀ ପହିଲାରେ ଉପସ୍ଥାପିତ ହେବାକୁ ଥିବା ବଜେଟରେ ଏହି ସ୍କିମ୍ ଉପରେ ନିଷ୍ପତ୍ତି ନିଆଯାଇପାରେ । ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଏଥର ବଜେଟରେ

**ବଜେଟରେ ଯୋଜନା ପାଇଁ ନୂତନ ଅନୁଦାନ ସମ୍ଭାବନା କମ୍**

**ସରକାର ଏହି ଯୋଜନାରୁ ପ୍ରଚୁର କ୍ଷତି ସହୁଛନ୍ତି**

**ସୁନା ମୂଲ୍ୟରେ ପ୍ରବଳ ବୃଦ୍ଧି ସମସ୍ୟା ଆଣିଛି**

ସୋଭରେନ୍ ଗୋଲ୍ଡ ବଣ୍ଡ ଯୋଜନା ପାଇଁ ନୂତନ ଅର୍ଥ ଆବଣ୍ଟନ ହେବାର ସମ୍ଭାବନା ବହୁତ କମ୍ ରହିଛି ।ତେଣୁ ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିଦେଇପାରନ୍ତି ।

ଚଳିତବର୍ଷ ୧୮,୫୦୦ କୋଟି ଟଙ୍କା ମୂଲ୍ୟର




ଏସଜିବି ଜାରି କରିବାକୁ ଘୋଷଣା କରାଯାଇଛି । ସୋଭରେନ୍ ଗୋଲ୍ଡ ବଣ୍ଡ ଉପରେ ୨.୫୧% ସୁଧ ଦିଆଯାଉଥିବା ହେତୁ ସରକାର କ୍ଷତି ସହୁଛନ୍ତି । ଏଭଳି ପରିସ୍ଥିତିରେ, ଗୋଲ୍ଡ ବଣ୍ଡ ସ୍କିମ୍ ଆଗକୁ ବଢ଼ିବାର ସମ୍ଭାବନା ନାହିଁ । ଏ ସମ୍ପର୍କରେ ଜଣେ ବିଶେଷଜ୍ଞ ଲକ୍ଷ୍ମଣ ରୟ କହିଛନ୍ତି ଯେ ସରକାର ବିଶ୍ୱାସ କରନ୍ତି ଯେ ସୁନାରେ ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସୋଭରେନ୍ ଗୋଲ୍ଡ ବଣ୍ଡ ଜାରି କରାଯାଇଛି । କିନ୍ତୁ ସୁନାର ମୂଲ୍ୟ ବୃଦ୍ଧି ଏବଂ ଏହି ଯୋଜନାରେ ଦିଆଯାଇଥିବା ସୁଧ ବ୍ୟୟ ଯୋଗୁଁ ସରକାର ଏହି ଯୋଜନା ବନ୍ଦ କରିପାରନ୍ତି ।

ଗତ ୩-୪ ବର୍ଷରେ ସୁନା ମୂଲ୍ୟରେ ପ୍ରବଳ ବୃଦ୍ଧି ହେତୁ ଏହି ଗୋଲ୍ଡ ବଣ୍ଡ ସ୍କିମ୍ ଦୁଇଗୁଣରୁ ଅଧିକ ରିଟର୍ଣ୍ଣ ଦେଉଛି । ଏହା ନିବେଶକମାନଙ୍କ ପାଇଁ ଲାଭଦାୟକ, କିନ୍ତୁ ଏହି ଯୋଜନା ପାଇଁ ସରକାର ପ୍ରଚୁର କ୍ଷତି ସହୁଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ସୁନା ଆମଦାନୀ ହ୍ରାସ କରିବା ଲକ୍ଷ୍ୟରେ ୨୦୧୫ ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ଯୋଜନା ଆରମ୍ଭ କରିଥିଲା । ଏହି ଯୋଜନାର ଉଦ୍ଦେଶ୍ୟ ଥିଲା ସୁନା ଚାହିଦା ହ୍ରାସ କରିବା ଏବଂ ଆମଦାନୀକୁ ରୋକିବା । ସୁନା ବଣ୍ଡ ମାଧ୍ୟମରେ ଜଣେ ବ୍ୟକ୍ତି ଆର୍ଥିକ ବର୍ଷରେ ସର୍ବନିମ୍ନ ୧ ଗ୍ରାମ ଏବଂ ସର୍ବାଧିକ ୪ କିଲୋଗ୍ରାମ ସୁନା ବିନିଯୋଗ କରିପାରିବେ ।

**ଆଇଟିଆର୍ ଦାଖଲ ହେବ ସହଜ**

# ଟିକସ ଦାଖଲ ନିୟମରେ ହୋଇପାରେ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ,୮।୧(ଏଜେନ୍ସି):ଆୟକର ଦାଖଲ ପ୍ରକ୍ରିୟାକୁ ସରଳ ଏବଂ କମ୍ କଷ୍ଟଦାୟକ କରିବାକୁ କେନ୍ଦ୍ର ସରକାର ପ୍ରମୁଖ ପରିବର୍ତ୍ତନ ପ୍ରସ୍ତୁତି ଚଳାଇଛନ୍ତି । ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଆୟକର ଅଧିନିୟମ ୧୯୬୧ରେ ସଂସ୍କାର ପଦକ୍ଷେପ ଆଣିବା ପ୍ରସ୍ତାବ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ରହିଛି । ଏଥିପାଇଁ ଚଳିତମାସ ମଧ୍ୟଭାଗ ସୁଦ୍ଧା କେବଳ ସର୍ବସାଧାରଣଙ୍କ ପରାମର୍ଶ ଗ୍ରହଣ କରାଯିବ । ସଂଶୋଧିତ ଆଇନକୁ ଆଗାମୀ ଫେବୃଆରୀ ବଜେଟରେ ଅନ୍ତର୍ଭୂକ୍ତ କରାଯିବାର ସମ୍ଭାବନା ରହିଛି । ବଜେଟରେ ଟିକସ ଦାଖଲ ନିୟମରେ ପରିବର୍ତ୍ତନ କରାଯାଇପାରେ

**ବଜେଟ ୨୦୨୫-୨୬**




କିନ୍ତୁ ଟିକସ ହାର ଏବଂ ନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ । ହେଲେ ଏପର୍ଯ୍ୟନ୍ତ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ।

ଭାରତ ଦୀର୍ଘ ଦିନ ଧରି ଟିକସ ନିୟମକୁ ଆଧୁନିକୀକରଣ କରିବାକୁ, ଟିକସଦାତାଙ୍କ ଉପରେ ଭାର କମାଇବାକୁ ଏବଂ ଅନୁପାଳନକୁ ସୁଦୃଢ଼ କରିବାକୁ ଚେଷ୍ଟା କରିଆସୁଛି । ମାର୍ଚ୍ଚ ୨୦୨୩ ସୁଦ୍ଧା ଦେଶରେ ଟିକସ ବିବାଦ ୧୦.୫ ଲକ୍ଷ କୋଟିକୁ ବୃଦ୍ଧି ଘଟିବା ଆଶାଙ୍କା କରାଯାଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜୁଲାଇରେ କହିଥିଲେ ଯେ ଟିକସ ନିୟମର ସମୀକ୍ଷା ୬ ମାସ ମଧ୍ୟରେ ଶେଷ ହେବ, ଯାହା ଦ୍ୱାରା ଟିକସଦାତାମାନଙ୍କ ପାଇଁ ନିୟମ ପ୍ରସ୍ତୁତ ହୋଇପାରିବ । ଟିକସଦାତାମାନେ କେତେକାଂଶରେ ଆରାମ ପାଇପାରନ୍ତି, କାରଣ ସରକାର ଟିକସ ବ୍ୟବସ୍ଥାକୁ ସରଳ ଏବଂ ସହଜ କରିବା ପାଇଁ ଅନେକ ବଡ଼ ପରିବର୍ତ୍ତନ ଯୋଜନା କରୁଛନ୍ତି । ସୂଚନାନୁସାରେ, ଏହି ପରିବର୍ତ୍ତନଗୁଡିକ ଜରିଆରେ ଟିକସଦାତାମାନଙ୍କ ପାଇଁ ପ୍ରକ୍ରିୟାକୁ କମ୍ ଜଟିଳ ଏବଂ ଅଧିକ ସ୍ୱଚ୍ଛ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିରେ ପ୍ରମୁଖ ପରିବର୍ତ୍ତନ ମଧ୍ୟରେ ଆୟ ହିସାବ ପାଇଁ ନୂତନ ସୂତ୍ର ଅପଣାଯିବ । ମୂଲ୍ୟାଙ୍କନ ବର୍ଷ ଏବଂ ଆର୍ଥିକ ବର୍ଷକୁ ମିଶାଇ କେବଳ ଗୋଟିଏ ଟିକସ ବର୍ଷର ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ହୋଇଛି । ନୂତନ ବ୍ୟବସ୍ଥାରେ ରିଟର୍ଣ୍ଣ ଦାଖଲ ହେବାକୁ ଥିବା ଫର୍ମ ସଂଖ୍ୟା ହ୍ରାସ ସହ ଏହି ସମସ୍ତ ଫର୍ମ ଅନଲାଇନରେ ଉପଲବ୍ଧ ହେବ । ଏହି ପରିବର୍ତ୍ତନଗୁଡିକ ସହିତ ଟିକସ ପ୍ରକ୍ରିୟାକୁ ସରଳ ଏବଂ ଡିଜିଟାଲ୍ କରିବାକୁ ପ୍ରୟାସ କରାଯାଉଛି । ଏହି ସଂସ୍କାର ପଦକ୍ଷେପ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି ।

# ଟାଟା ଷ୍ଟିଲ୍ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନରେ ୮% ଅଭିବୃଦ୍ଧି

ଭୁବନେଶ୍ୱର,୮।୧(ସମିସ): ଟାଟା ଷ୍ଟିଲ୍‌କ୍ରୁଡ୍‌ଷ୍ଟିଲ୍‌ଉତ୍ପାଦନରେବାର୍ଷିକ ଭିତ୍ତିରେ ୬% ଏବଂ ତ୍ରୈମାସିକ ଭିତ୍ତିରେ ୮% ଅଭିବୃଦ୍ଧି ଘଟିଛି । ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ସେପ୍ଟେମ୍ବରରେ କମ୍ପାନୀ ପକ୍ଷରୁ କଳିଙ୍ଗ ନଗରଠାରେ ୫ ଏମ୍‌ଟିପିଏର ବ୍ଲାଷ୍ଟ ଫର୍ଣ୍ଣେଶ କାର୍ଯ୍ୟକ୍ଷମ କରାଯାଇଛି । ତ୍ରୈମାସିକ ଭିତ୍ତିରେ ଦେଖିଲେ କମ୍ପାନୀ ବିକ୍ରି ୫.୨୯ ନିୟୁତ ଟନ୍ ରହିଛି, ଯାହାକି ସର୍ବୋତ୍ତମ ତ୍ରୈମାସିକ ଫଳାଫଳ । ଘରୋଇ ବଜାରରେ ବିକ୍ରି ସ୍ଥିରତା ସହ ରପ୍ତାନିରେ ରଣନୈତିକ ଉପସ୍ଥିତି କମ୍ପାନୀ ସଫଳତା ଦେଇଛି । ଅପରପକ୍ଷେ ଟାଟା ଷ୍ଟିଲ୍ ନେଦରଲ୍ୟାଣ୍ଡର ଲିକ୍ୱିଡ୍ ଷ୍ଟିଲ୍ ଉତ୍ପାଦନ ତ୍ରୈମାସିକ ଭାବେ ଦେଖିଲେ ୧.୭୬ ନିୟୁତ ଟନ୍ । କମ୍ପାନୀର ଅଟୋମୋଟିଭ୍ ଓ ସ୍ୱତନ୍ତ୍ର ଉତ୍ପାଦ,ବ୍ରାଣ୍ଡେଡ୍ ପ୍ରକଳ୍ପ,ଶିଳ୍ପ ଉତ୍ପାଦ ଏବଂ ପ୍ରକଳ୍ପ ଆଦି କ୍ଷେତ୍ରରେ କମ୍ପାନୀର ପ୍ରଦର୍ଶନ ଉତ୍ସାହଜନକ ରହିଛି ।

# ନିୟମର ଉଲ୍ଲଂଘନ; ଓଲାକୁ ସେବିର ଚେତାବନୀ

ନୂଆଦିଲ୍ଲୀ,୮।୧(ଏଜେନ୍ସି): ଏକ୍ସଚେଞ୍ଜକୁ ଦେବା ପୂର୍ବରୁ ସୋସିଆଲ ମିଡିଆରେ ଏହାର ସମ୍ପ୍ରସାରଣ ଯୋଜନା ଘୋଷଣା କରିଥିବାରୁ ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଓଲା ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡକୁ ତାଗିଦ୍ କରିଛି । କମ୍ପାନୀ ପକ୍ଷରୁ ଏକ୍ସେଞ୍ଜରେ କରାଯାଇଥିବା ଫାଇଲିଂ ଅନୁଯାୟୀ, ଡିସ୍କ୍ଲୋଜର ନିୟମର ଉଲ୍ଲଂଘନ ସହ ଅନ୍ୟକେତେକ ପ୍ରସଙ୍ଗ ପାଇଁ କମ୍ପାନୀକୁ ସେବି ଇ-ମେଲ୍ ମାଧ୍ୟମରେ ଚେତାବନୀ ଦେଇଛି । ବାସ୍ତବରେ ୨୦୨୪ ଡିସେମ୍ବର ୨ ସକାଳେ ଓଲା ଇଲେକ୍ଟ୍ରିକ୍ ପ୍ରତିଷ୍ଠାତା ଭବୀଶ ଅଗ୍ରୱାଲ୍

**ବିଏସ୍-ଏନ୍‌ଏସ୍‌ଇ ପୂର୍ବରୁ ସୋସିଆଲ ମିଡିଆରେ କମ୍ପାନୀ ଦେଇଥିଲା ତଥ୍ୟ**

ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରିଥିଲେ । ଏଥି ସହିତ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ରାତି ୧ଟା ୩୬ ମିନିଟ୍‌ରେ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜକୁ ରାତି ୧ଟା ୪୧ ମିନିଟ୍‌ରେ ଏହି ସୂଚନା ଦିଆଯାଇଥିଲା ।

ସେବି ଏହାର ଚେତାବନୀ ପତ୍ରରେ ଲେଖିଛି ଯେ ଏହି ଉଲ୍ଲଂଘନକୁ ଅତି ଗୁରୁତର ସହ ନିଆଯାଇଛି । ଭବିଷ୍ୟତରେ କମ୍ପାନୀ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ଏବଂ ଏହିପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଅନୁପାଳନ ମାନକୁ ଉନ୍ନତ କରିବାକୁ ପରାମର୍ଶ ଦିଆଯାଇଛି ।

# ଏଲନ୍ ମସ୍କ ଏବେ ବିଶ୍ୱ ପାଇଁ ଅଡୁଆ

ନୂଆଦିଲ୍ଲୀ,୮।୧(ଏଜେନ୍ସି): ଡୋନାଲ୍ଡ ଟ୍ରମ୍ପ ହେବ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି । ହେଲେ ଟ୍ରମ୍ପଙ୍କୁ ନେଇ ବିଶ୍ୱରେ ଏବେ ଯେତିକି ଚର୍ଚ୍ଚା ନୁହେଁ ଦୁନିଆର ସବୁଠାରୁ ଧନୀ ବ୍ୟବସାୟୀ ତଥା ଟେସ୍ଲା ମୁଖ୍ୟ ଏଲନ୍ ମସ୍କଙ୍କୁ ନେଇ ଅଧିକ ଚର୍ଚ୍ଚା । ମସ୍କ ଯେଉଁ ଭଳି ଭାବେ ଆଗକୁ ବଢୁଛନ୍ତି ତାହାକୁ ନେଇ ଏବେ ସାରା ବିଶ୍ୱ ଏବେ ଚିନ୍ତାରେ । କାରଣ ସ୍ୱଳ୍ପ ସମୟରେ

- **ସମ୍ପତ୍ତିରେ ଦ୍ରୁତ ବୃଦ୍ଧିକୁ ନେଇ ଏବେ ଚିନ୍ତାରେ ସାରା ଦୁନିଆ**
- **୧୨ ବର୍ଷରେ ସମ୍ପତ୍ତି ୪୩୫ ବିଲିୟନ୍ ଡଲାର ବଢ଼ିଛି**

ମସ୍କଙ୍କ ସମ୍ପତ୍ତିରେ ଅହେତୁକ ବୃଦ୍ଧି । ମାତ୍ର ୧୨ ବର୍ଷ ମଧ୍ୟରେ ଟ୍ରମ୍ପଙ୍କ ସମ୍ପତ୍ତିରେ ୪୩୦ ବିଲିୟନ୍ ଡଲାର ବୃଦ୍ଧି ହୋଇଛି । ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟରେ ଏଲନ୍ ମସ୍କ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହାପରେ ସେ ଟ୍ରମ୍ପ ସରକାରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇଛନ୍ତି ।

ନଭେମ୍ବରରେ ଟ୍ରମ୍ପ ନିର୍ବାଚନ ଜିତିବା ପରେ




କାନାଡା ଉପରେ ଶୁଳ୍କ ବୃଦ୍ଧି ପ୍ରସଙ୍ଗ ଉଠିଥିଲା । ସେତେବେଳେ ଏହା ପଛରେ ମସ୍କଙ୍କ ହାତ ଥିବା ବୋଲି କୁହାଯାଉଥିଲା । ଏଥିସହ ନିର୍ବାଚନରେ ଜଷ୍ଟିନ ଟ୍ରୁଡୋଙ୍କ ପରାଜୟର ପୂର୍ବାନୁମାନ ମସ୍କ ହିଁ କରିଥିଲେ । ଏସବୁ ଯୋଗୁ ବର୍ତ୍ତମାନ ବିଶ୍ୱର ଅନେକ ନେତା ମସ୍କଙ୍କୁ ତୀବ୍ର ସମାଲୋଚନା କରିବା ଆରମ୍ଭ କରିଦେଲେଣି । ବର୍ତ୍ତମାନ ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ ଏବଂ ନରୱେରୁ ମଧ୍ୟ ମସ୍କକୁ ତୀବ୍ର ସମାଲୋଚନା ରିପୋର୍ଟ ମାନ ଆସିବାରେ ଲାଗିଛି । ସେପଟେ, ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଚୀନ୍ ମଧ୍ୟ ମସ୍କଙ୍କ ଉପରେ ନଜର ରଖିଛି । କାରଣ ଚାଇନାରେ ମସ୍କଙ୍କର ବଡ ପୁଞ୍ଜି ନିବେଶ ରହିଛି । ଯଦି ମସ୍କ ସେଠାରୁ ପୁଞ୍ଜି ପ୍ରତ୍ୟାହାର କରିନିଅନ୍ତି ତେବେ ଚୀନ୍ର ଅର୍ଥନୀତି ଅଧିକ ଅସ୍ଥିର ହୋଇଯିବ । ଭାରତରେ ମଧ୍ୟ ଷ୍ଟାରଲିଙ୍କରୁ ମସ୍କଙ୍କ ବ୍ୟବସାୟ ଆରମ୍ଭ । ଭାରତ ସରକାରଙ୍କ ଇଭି ନୀତି ମସ୍କଙ୍କ ଟେସଲା ପାଇଁ ପରିବର୍ତ୍ତନ କରାଯାଇଥିଲା । ଯେଉଁ କାରଣରୁ ସ୍ଥାନୀୟ ଇଭି କମ୍ପାନୀଙ୍କୁ ଆଗାମୀ ବର୍ଷଗୁଡିକରେ ବହୁତ କ୍ଷତି ସହିବାକୁ ପଡିପାରେ । ତେଣୁ ଏହା ସ୍ପଷ୍ଟ ଯେ ଆଗାମୀ ଦିନରେ ମସ୍କ ଯେତେ ଅଧିକ ଧନୀ ହେବେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକର ଅର୍ଥନୀତି ପାଇଁ ସେ ବିପଦ ସାଜିପାରନ୍ତି ।

ଉଭୟ ଟ୍ରମ୍ପ ଏବଂ ମସ୍କ ବିଶ୍ୱ ଅର୍ଥନୀତି ଉପରେ ସେମାନଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛନ୍ତି । ୨୦୨୪ରେ ମସ୍କଙ୍କର ମୋଟ ସମ୍ପତ୍ତି ମୂଲ୍ୟରେ ୨୦୦ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ଘଟିଥିଲା । ୨୦୧୩ରେ ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୨ ବିଲିୟନ ଡ଼ଲାର ରହିଥିଲା, ଯାହା ବର୍ତ୍ତମାନ ୪୩୭ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି । ଏହାର ଅର୍ଥ ହେଉଛି ଏକ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ମସ୍କଙ୍କ ମୋଟ ସମ୍ପତ୍ତିରେ ୨୧,୭୫୦ ପ୍ରତିଶତ ବୃଦ୍ଧି ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୩ରେ ବିଲ୍ ଗେଟ୍ସ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଥିଲେ । ବର୍ତ୍ତମାନ ତାଙ୍କର ସମ୍ପତ୍ତି ୧୫୯ ବିଲିୟନ ଡ଼ଲାର ଏବେ ସେ ଧନୀ ତାଲିକାର ୮ମ ସ୍ଥାନରେ ରହିଛନ୍ତି ।

# ଆପୋଲୋ ହସ୍ପିଟାଲ ଭୁବନେଶ୍ୱରରେ ଯକୃତ ପ୍ରତିରୋପଣ ପ୍ରୋଗ୍ରାମ



ଭୁବନେଶ୍ୱର,୮।୧(ସମିସ): ଆପୋଲୋ ହସ୍ପିଟାଲ ଭୁବନେଶ୍ୱରରେ ଆଜି ଏକ ଯକୃତ ପ୍ରତିରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ଚିଫ୍ ଅପରେଟିଂ ଅଫିସର ଆଲୋକ ଶୀବାସ୍ତବ ଯୋଗଦେଇ ରୋଗୀଙ୍କୁ ସର୍ବୋତ୍ତମ ସେବା ପ୍ରଦାନ ଉପରେ ଗୁରୁତ୍ୱ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ପରାମର୍ଶଦାତା (ଜିଆଇଏଚ୍‌ପିବି ଏବଂ ଯକୃତ ପ୍ରତିରୋପଣ ସର୍ଜନ୍) ଡାଃ ସୌମେନ୍ ରାୟ ଏଠାରେ ଉନ୍ନତ ଲାପୋରେସ୍କାପିକ୍ ଜିଆଇ ଅଙ୍କୋ ସର୍ଜରୀ ପ୍ରଦାନ କରାଯାଉଥିବା ନେଇ ସୂଚନା ଦେଇଥିଲେ । ଏଥିରେ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ପରାମର୍ଶଦାତା, ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାନିଲୋଜି, ହେପାଟୋଲୋଜି ଏବଂ ଯକୃତ ପ୍ରତିରୋପଣ ଡାଃ ସୁଶାନ୍ତ କୁମାର ସେଠୀ ଉପସ୍ଥିତ ରହି କହିଲେ, ଯକୃତର ପ୍ରତିରୋପଣ ଏକ ଜଟିଳ ପ୍ରକ୍ରିୟା । ଆମେ ଏହି କାର୍ଯ୍ୟକୁ ଆତ୍ମନିର୍ଭରଶୀଳ ଭାବେ କରିବାକୁ ସକ୍ଷମ ଏବଂ ଅଙ୍ଗୀକାରବଦ୍ଧ ।

# ନିଶ୍ଚିନ୍ତକୋଇଲି ଧାନମଣ୍ଡି ଖୋଲିଲା



ନିଶ୍ଚିନ୍ତକୋଇଲି, ୮।୧(ସମିସ): ନିଶ୍ଚିନ୍ତକୋଇଲି ସେବା ସମବାୟ ଅଧୀନରେ ଚଳିତ ବର୍ଷର ଧାନ ମଣ୍ଡି ଖୋଲିବା ପାଇଁ କଣ୍ଟା ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜାର୍ଚ୍ଚନା ପରେ ସମିତିର ସଭାପତି ଜିତେନ୍ଦ୍ର ସ୍ବାଇଁ ମଣ୍ଡିକୁ ଉଦଘାଟନ କରିଛନ୍ତି। ସମିତିର ସମ୍ପାଦକ ଶରତ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ଏଥିରେ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଅଜୟ ସାହୁ, ନୋଡ଼ାଲ ଅଫିସର ବିଶ୍ୱରଞ୍ଜନ ସାମଲ, ଆରଏମସିର ମାର୍କେଟିଂ ସୁପରଭାଇଜର କିଶୋର ଦାସ, ସେକ୍ ମହମ୍ମଦ ଇଦ୍ରିସ, ବ୍ରଜମୋହନ ପଣ୍ଡା, ଜୟଦେବ ବିଶ୍ୱାଳ, ଅପରୂପା ଜେନା ଯୋଗଦେଇ ମଣ୍ଡିରେ ଧାନ କିଣିବାର ସରକାରୀ ନୀତିନିୟମ ସଂକ୍ରାନ୍ତରେ ଚାଷୀଙ୍କୁ ସଚେତନ କରାଇଥିଲେ। ଚଳିତବର୍ଷ ଏହି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନିଶ୍ଚିନ୍ତକୋଇଲି, ନତକାଇ, ବଡ଼କ୍ଷୀର ପଞ୍ଚାୟତ ଓ ବରପଡ଼ା ଗ୍ରାମର ମୋଟ ୪୨୧ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ମଣ୍ଡିକୁ ୪ହଜାର ୨ଶହ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଛି। ସଭ୍ୟ କେଶବ ବିଶ୍ୱାଳ, ଗୋଲକ ପରିଡ଼ା, ପୁରସ୍ତମ ଭୂୟାଁ, ବିଜୟ ରାଉତ, ମିହିରକେତନ ସ୍ବାଇଁ ଓ ଚାଷୀ ରମେଶ ରାଉତ, କଳ୍ପତରୁ ସାହୁ, ବାବାଜୀ ସାହୁ, ସୁଧିର ଭୂୟାଁ ପ୍ରମୁଖ ଯୋଗଦେଇଥିଲେ।

**ରାମେଶ୍ୱର ଗଣଦୁଷ୍କର୍ମ ଘଟଣା**

# ଗିରଫ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

ସାଲେପୁର, ୮।୧(ସମିସ)

ରାମେଶ୍ୱର ଅଞ୍ଚଳରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣାରେ ଗିରଫ ୩ ଅଭିଯୁକ୍ତଙ୍କୁ ଆଜି ୩ ଦିନିଆ ରିମାଣ୍ଡରେ କ୍ରାଇମବ୍ରାଞ୍ଚ ନେଇଛି। ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ଚଳାଇଥିବାବେଳେ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ରାମେଶ୍ୱର ବଜାରରେ ଗତ ନଭେମ୍ବର ମାସ ୨୭ତାରିଖ ଦିନ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ରାମେଶ୍ୱର ବଜାରରେଥିବା ଏକ ଦୋକାନ ବାରଣ୍ଡାରେ ଶୋଇଥିବାବେଳେ କେତେକ ବ୍ୟକ୍ତି ହାଟ ଚାଳିଆକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ସାଲେପୁର ପୁଲିସ ସିସିଟିଭିକୁ ଆଧାର କରି ନିଜ ଆଡୁ ଏକ ମାମଲା ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା। ପରେ ଏହି ଘଟଣା କ୍ରାଇମ୍‌ବ୍ରାଞ୍ଚ ହାତକୁ ନେବା ପରେ କ୍ରାଇମ୍‌ବ୍ରାଞ୍ଚ ଆଇଜି ଘଟଣାସ୍ଥଳ ପରିଦର୍ଶନ କରି ଏହି ଘଟଣାରେ ତୃତୀୟ ଅଭିଯୁକ୍ତକୁ ଗିରଫ କରିଥିଲେ। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ଆଶଙ୍କା କରି ଗିରଫ ହୋଇଥିବା ରାମେଶ୍ୱର ଗ୍ରାମର ମାନଗୋବିନ୍ଦ ଭୋଇ (୩୦), କାଙ୍ଗାଳି ମହାରଣା(୫୮) ଓ ଅଜୟ ସାମଲ(୨୪)ଙ୍କୁ ଘଟଣାର ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଜି ସାଲେପୁର ଜେଏମ୍‌ଏଫ୍‌ସିରେ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲେ। ସାଲେପୁର ଜେଏମ୍‌ଏଫ୍‌ସି ୩ ଅଭିଯୁକ୍ତଙ୍କୁ ୩ ଦିନ ପାଇଁ ରିମାଣ୍ଡରେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିବା ସରକାରୀ ଓକିଲ ତ୍ରିଲୋଚନ ବରାଳ ପ୍ରକାଶ କରିଛନ୍ତି।

## ଅପହରଣ ଓ ୧ ଲକ୍ଷ ଟଙ୍କା ମାଗି ୪ ଗିରଫ

ଫୁଲନଖରା, ୮।୧(ସମିସ): କଟକ ସଦର ଥାନାର ଏଏସ୍‌ଆଇ ପିକେ ପରିଡ଼ା ବ୍ରାହ୍ମଣଝରିଲୋ ନିକଟରେ ପଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇଲେ ଯେ, କିଛି ଯୁବକ ଜଣେ ବ୍ୟକ୍ତିକୁ କାର୍ ଯୋଗେ ଉଠାଇ ନେଇଯାଇଛନ୍ତି। ଖବର ପାଇଁ ଶ୍ରୀ ପରିଡ଼ା ଉକ୍ତ ସ୍ଥାନରେ ପହଞ୍ଚି ଗୋଟିଏ କାର୍ ସହ ୪ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଘଟଣାରୁ ପ୍ରକାଶ ସୋମବାର ସଂଧ୍ୟାରେ ବ୍ରାହ୍ମଣଝରିଲୋର ପ୍ରତାପ ନାୟକ ଓରଫ ଯୋଗୀକୁ ଗୋଟିଏ କ୍ଲିନିକ୍ ନିକଟରୁ ଗଙ୍ଗେଶ୍ୱର ଗ୍ରାମର ସଂଗ୍ରାମ ପାତ୍ର (୩୪) ଓରଫ ରିକି, ରମାକାନ୍ତ ପାତ୍ର (୨୯) ଓରଫ ରାଜା ଓ ତାର ଦୁଇ ସହଯୋଗୀ ମଳୟ ପାତ୍ର(୩୪) ଓରଫ ବାପୁ ଓ ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ପ୍ରଜିତ୍ ସାମନ୍ତରାୟ(୨୮)ଙ୍କୁ ଗୋଟିଏ ଧଳା ରଙ୍ଗର ହୁଣ୍ଡାଇ କାର୍ ଯୋଗେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅପହରଣ କରି ନେଇ ଯାଇଥିଲେ। ଯୋଗୀକୁ ନେଇ ବହୁତ ମାର୍ ପିଟ୍ କରିବା ସହିତ ଏକ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ଏକ ଲକ୍ଷ ଟଙ୍କା ନ ଦେଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ସଦର ପୁଲିସ ଖବର ପାଇବା ପରେ ଏଏସ୍‌ଆଇ ଶ୍ରୀ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଯୋଗୀ ଓରଫ ପ୍ରତାପକୁ ଉଦ୍ଧାର କରିବା ସହିତ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଆସାମୀଙ୍କ ଠାରୁ ଗୋଟିଏ ହ୍ୟୁଣ୍ଡାଇ କାର୍ ଜବତ୍ କରିବା ସଙ୍ଗେ ସଙ୍ଗେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ଓମ୍ ପ୍ରକାଶ ମହାନ୍ତି ପ୍ରକାଶ କରିଛନ୍ତି।

## ମଦ ବାର୍ ଅନୁମତିକୁ ପଞ୍ଚାୟତର ବିରୋଧ

ଟାଙ୍ଗୀ, ୮।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଦେଉଳଚୁଆ ମୌଜାରେ ସୋମ ନାମକ ଏକ ମଦ ବାର୍ ସ୍ଥାପନ ନିମନ୍ତେ ସରକାରୀ ଅନୁମତିକୁ ସ୍ଥାନୀୟ ସରପଞ୍ଚ ତଥା ପଞ୍ଚାୟତ ପକ୍ଷରୁ ବିରୋଧ କରାଯାଇଛି। ପଲ୍ଲୀସଭା ତଥା ପ୍ରଭାବିତ ଅଞ୍ଚଳବାସୀଙ୍କ ମତକୁ ଆଧାର କରି ପଞ୍ଚାୟତ ବୈଠକରେ ବାର୍ ସ୍ଥାପନକୁ ସମସ୍ତ ୱାର୍ଡ ସଭ୍ୟସଭ୍ୟା ବିରୋଧ କରିଥିଲେ। ଫଳରେ ପଞ୍ଚାୟତ ପକ୍ଷରୁ ରିଜ୍ୟୁଲେସନ ଅଣାଯାଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ପ୍ରେରଣ କରାଯାଇଛି। ଚିହ୍ନିତ ସ୍ଥାନରେ ବାର ପ୍ରତିଷ୍ଠା ହେଲେ ସାଧାରଣ ଜନତାଙ୍କ ସମେତ ଉକ୍ତ ରାସ୍ତାଦେଇ ନିତିଦିନ ଯା'ଆସ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପକାଇବ ବୋଲି ଭାରପ୍ରାପ୍ତ ସରପଞ୍ଚ ସୋଫିଆ ବିବି ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

କିଶନନଗର, ୮।୧(ସମିସ): କଟକ-ପାରାଦ୍ୱୀପ ରାସ୍ତାର ରାମକୁମାରପୁର ନିକଟରେ କାର ଧକ୍କାରେ ଉକ୍ତ ଗ୍ରାମର କ୍ଷିରୋଦ ଚନ୍ଦ୍ର ବେହେରା ଓରଫ ଅରକ୍ଷିତ (୫୦) ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇ ଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଆଜି ବୁଧବାର ରାତି ୯ଟା ସମୟରେ କିଶୋରନଗର ଥାନା ରାମକୁମାରପୁର ଗ୍ରାମର କ୍ଷୀରୋଦ ବେହେରା ଏକ ସାଇକଲଯୋଗେ ସୋମପୁରରୁ ଘରକୁ ଫେରୁଥିବା ବେଳେ ଏକ କାର ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର୍ ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ମଟର ସାଇକଲ ଯୋଗେ ଅର୍ଚ୍ଚିଲି ନିକଟରେ କାରକୁ ଅଟକାଇବା ସହିତ ଡ୍ରାଇଭରକୁ ଧରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ କିଶୋରନଗର ଥାନା ଅଧିକାରିଣୀ ଦୁର୍ଗେଶନନ୍ଦିନୀ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି।

## ବନ୍ଧୁକ କାରବାର ଅଭିଯୋଗରେ ଫେରାର ଯୁବକ ଗିରଫ



ଡିଗିରିଆ, ୮।୧(ସମିସ): ଡିଗିରିଆ ଥାନା ଅଞ୍ଚଳର ବିଭିନ୍ନ ଦାଦାବଟି ଓ ଡକାୟତି ମାମଲା ପାଇଁ ବନ୍ଧୁକ ଯୋଗାଉଥିବା ଅଭିଯୋଗରେ ଫେରାର ଥିବା କୁଖ୍ୟାତ ଅପରାଧୀ ସୁହାଶିଷ ସାହାଣୀକୁ ଡିଗିରିଆ ପୁଲିସ ବୁଧବାର ଗିରଫ କରିବାରେ ସକ୍ଷମ ହୋଇଛି। ଡିଗିରିଆ ଥାନା ଅନ୍ତର୍ଗତ ଭୋଗଡ଼ା ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସ ନିକଟରେ ଡକାୟତି ଉଦ୍ୟମ କରୁଥିବା ସମୟରେ ଗତ ନଭେମ୍ବର ମାସ ୨୫ ତାରିଖରେ ଡିଗିରିଆ ପୁଲିସ ୪ଟି ପିସ୍ତଲ ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଡକାୟତ ତଥା ଅସାମାଜିକ ଯୁବକଙ୍କୁ ପିସ୍ତଲ ଯୋଗାଉଥିବା ଗ୍ରୁପର ଅନ୍ୟତମ ଲିଡର ସୁବାଶିଷ ସାହାଣୀ ସେହିଦିନ ଠାରୁ ଫେରାର ଥିଲା। ସୂଚନା ମୁତାବକ ଡକାୟତି ଓ ଦାଦାବଟି ଆଦାୟ କରିବା ପାଇଁ ଗତ ନଭେମ୍ବର ମାସ ୨୪ ତାରିଖ ବିଳମ୍ବିତ ରାତିରେ ଡିଗିରିଆ ଥାନା ଅନ୍ତର୍ଗତ ଭୋଗଡ଼ା ମାର୍କେଟ କମ୍ପ୍ଲେକ୍ସ ଠାରେ ଏକ ଗୋଷ୍ଠି ଯୋଜନା କରୁଥିବାର ସୂଚନା ପାଇ ତତ୍କାଳୀନ ଡିଗିରିଆ ଥାନା ଆଇଆଇସି ବିକ୍ରମ କେଶରୀ ଜେନା, ଆଠଗଡ଼ ଏସଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ତଥା ସ୍ୱତନ୍ତ୍ର ପୁଲିସ ସ୍କ୍ୱାର୍ଡ ଚଢ଼ଉ କରି ଘଟଣାସ୍ଥଳରୁ ବଣ୍ଟି ନାୟକ, ଚିନୁ ମଲ୍ଲ, ସୁରେନ୍ଦ୍ର ମଲ୍ଲ ଓ ଆକାଶ ରାଉତଙ୍କୁ ଗିରଫ କରିବା ସହ ଘଟଣାରେ ସମ୍ପୃକ୍ତିକୁ ନେଇ ଭୋଗଡ଼ା ସରପଞ୍ଚ ପ୍ରତିନିଧି ଅରୁଣ ନାୟକଙ୍କୁ ଡିଗିରିଆ ଥାନା କେଶ୍ ନଂ-୨୮୧/୨୪ରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ଚଢଉ ସମୟରେ ଅଭିଯୁକ୍ତଙ୍କୁ ପିସ୍ତଲ ଯୋଗାଇଥିବା ଆଠଗଡ଼ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମର ସୁବାଶିଷ ସାହାଣୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଫେରାର୍ ଥିବା ଅଭିଯୁକ୍ତ ସୁବାଶିଷକୁ ଡିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ପ୍ରବାସୀ ଭାରତୀୟଙ୍କ ଆଗମନ ନେଇ ଲଳିତଗିରି ପୀଠରେ ବ୍ୟାପକ ପ୍ରସ୍ତୁତି



ମାହାଙ୍ଗା, ୮।୧(ସମିସ): ଆଜିଠାରୁ ଆରମ୍ଭ ହୋଇଥିବା ପ୍ରବାସୀ ଭାରତୀୟ ଦିବସ ଅବସରରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ବିଶ୍ୱପ୍ରସିଦ୍ଧ ବୌଦ୍ଧ ବିହାର ଲଳିତଗିରି ଠାରେ ପ୍ରଶାସନ ଓ ସ୍ଥାନୀୟ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏନେଇ ଆଜି ପ୍ରବାସୀ ଭାରତୀୟଙ୍କ ଆଗମନ ସମୟରେ ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ସହ ଏହି ଐତିହ୍ୟପୀଠର ଗାରିମା ସମ୍ପର୍କରେ ସଚେତନା ଆଦି କରିବା ପାଇଁ ମାହାଙ୍ଗା ବିକାଶ ପରିଷଦର ତଥା ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଏକ ଶିବିର ଉଦଘାଟନ କରିଛନ୍ତି। ଏହା ସହ ପ୍ରଶାସନ ପକ୍ଷରୁ ସୁରକ୍ଷା, ପରିବେଶ ସୌନ୍ଦର୍ଯ୍ୟକରଣ, ସଚେତନତା ଆଦି ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ସ୍ଥାନୀୟ ଲୋକେ ସେମାନଙ୍କର ପଥରଶିଳ୍ପ ଏବଂ ପଟୋଚିତ୍ର ଆଦି ହସ୍ତକଳାକୁ ପ୍ରଦର୍ଶନର ବ୍ୟବସ୍ଥା କରିଛନ୍ତି। ଏହା ସହ ଅତିଥିଙ୍କ ସ୍ୱାଗତ ଏବଂ ପରିଦର୍ଶନ ନିମନ୍ତେ ମାହାଙ୍ଗା ବ୍ଲକ ପ୍ରଶାସନ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ଶୌଚାଳୟ, ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ଆଦିର ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପୁଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବହୁ ଅଧିକାରୀ ଓ ମାହାଙ୍ଗା ବିକାଶ ପରିଷଦର ବହୁ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବାସୁଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବଡମ୍ବା, ୮।୧(ସମିସ): ବଡମ୍ବା ବ୍ଲକ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଗତ ଦୁଇ ଦିନଧରି ଚାଲିଥିବା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ପ୍ରଧାନଶିକ୍ଷକ କାମରାଜ ସାହୁ ଖେଳ ପତାକା ଉତ୍ତୋଳନ ପୂର୍ବକ ବାର୍ଷିକ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ନବମ, ଦଶମ ଶ୍ରେଣୀର ବାଳକ ଓ ବାଳିକା କନିଷ୍ଠ ଓ ବରିଷ୍ଠ ବିଭାଗରେ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ହାଲୁକା ବର୍ଚ୍ଛା ନିକ୍ଷେପଣ, ଚକତି ନିକ୍ଷେପଣ, ଧାତବ ପେଣ୍ଡୁ ନିକ୍ଷେପଣ, ମନ୍ଥର ଗତିରେ ସାଇକେଲ ଚାଳନା ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିନରେ ସହକାରୀ ଶିକ୍ଷକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜ ସିଂହ, ସମ୍ମାନୀତ ଅତିଥି ରୂପେ ପୂର୍ବତନ ଶିକ୍ଷକ ପ୍ରସନ୍ନ ବରାଡ, ଶଙ୍କର୍ଷଣ ରଣା ପ୍ରମୁଖ ଯୋଗଦେଇ ବିଭିନ୍ନ ଖେଳରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



## ଚୋରା ବାଲି ବୋଝେଇ ୨ ଟ୍ରାକ୍ଟର ଜବତ



ତ୍ରିଶୂଳିଆ, ୮।୧(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ବେଲଗଛିଆ ଗ୍ରାମ ନିକଟରୁ ବେଆଇନ ଭାବେ ଚୋରା ବାଲି ଆଣୁଥିବା ୨ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି ବାରଙ୍ଗ ପୁଲିସ। ପ୍ରକାଶ ଯେ, ଗତ କିଛିଦିନ ହେବ ବେଲଗଛିଆ ଗ୍ରାମମୁଣ୍ଡ କୁଆଖାଇ ନଦୀ ପଠାରୁ ବାଲି ମାଫିଆମାନେ ବେଆଇନ ଭାବେ ବାଲି ଉଠାଇ ଟ୍ରାକ୍ଟର ସାହାଯ୍ୟରେ ବିଭିନ୍ନ ସ୍ଥାନକୁ ଚୋରାଚାଲଣ କରୁଛନ୍ତି। ବୁଧବାର ଦିନ ଏହିଭଳି ଭାବେ ବାଲି ଉଠାଇ ୨ଟି ଟ୍ରାକ୍ଟର ଆସୁଥିବାର ବିଶେଷ ସୂତ୍ରରୁ ଖବରପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ବାଲି ବୋଝେଇ ୨ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ବେଳେ ଗାଡ଼ି ୨ଟିକୁ ଜବତ କରିଛି। ଜବତ ହୋଇଥିବା ଟ୍ରାକ୍ଟର ନମ୍ବର ଓଡି ୦୫ ଏଜି ୩୨୭୧ ଓ ଓଡି ୦୫ଏ ୬୨୭୩। ବାରଙ୍ଗ ତହସିଲ କାର୍ଯ୍ୟାଳୟ କିଛି ଦୂରରେ ଏଭଳି କାର୍ଯ୍ୟ କରୁଛନ୍ତି ବାଲି ମାଫିଆମାନେ ହେଲେ ତହସିଲ କାର୍ଯ୍ୟାଳୟର କୌଣସି ଅଧିକାରୀ କିଭଳି ଜାଣିପାରି ନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସମବାୟ ସମିତିରେ ଧାନ ଚାଷୀଙ୍କ ବୈଠକ



କିଶନନଗର, ୮।୧(ସମିସ): କଟକ ସଦର ଅରିଲୋ କୃଷକ ସମବାୟ ସମିତି ପରିସରରେ ମଣ୍ଡିରେ ଧାନ ଦେବା ପାଇଁ ପଞ୍ଜୀକୃତ ଚାଷୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି କୈଳାସ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିବା ବେଳେ ସମିତି ସମ୍ପାଦକ ପ୍ରଦୀପ କୁମାର ଦାସ ମଣ୍ଡିରେ ଧାନ ଦେବା ପାଇଁ ଧାନର ମାନ ଉପରେ ବିବରଣୀ ଦେଇଥିଲେ ଏବଂ ମଣ୍ଡିରେ ଚାଷୀଙ୍କ କୌଣସି ଅସୁବିଧା ନ ହେବା ପାଇଁ ଗୁରୁତ୍ୱ ଦିଆଯାଇଛି। ଉକ୍ତ ମାସରେ ଧାନ ମଣ୍ଡି ଆରମ୍ଭ ହେବାକୁ ଯାଉଥିବା ବେଳେ ପ୍ରଥମେ ଯେଉଁ ଚାଷୀମାନେ ଧାନ ଦେବାପାଇଁ ମେସେଜ ପାଇଛନ୍ତି ସେମାନଙ୍କୁ ପ୍ରଥମେ ଧାନ ଦେବା ପାଇଁ ସୂଚନା ଦିଆଯାଇଥିଲା। ଉକ୍ତ ବୈଠକରେ ଅକ୍ଷୟ କୁମାର ସାହୁ, ରମେଶ ଚନ୍ଦ୍ର ଶତପଥୀ, ତ୍ରିନାଥ ଦାଶ, ମାନସ ଦାସ, ସତ୍ୟଜିତ ରାୟ, ପିତାମ୍ବର ପ୍ରଧାନ, ଜ୍ଞାନ ରଞ୍ଜନ ରାଉତଙ୍କ ସମେତ ଧାରିଣ ଅରିଲୋ ସୋମପୁର ପଞ୍ଚାୟତର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

**ଉଜୁଡ଼ା କ୍ଷେତକୁ ଦେଖି ଚାଷୀଙ୍କ ମୃତ୍ୟୁ ଘଟଣା**

# ପରିବାର ଲୋକଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ଫୁଲନଖରା, ୮।୧(ସମିସ)



ବାରଙ୍ଗ ବ୍ଲକ ଉଷୁମା ଗ୍ରାମପଞ୍ଚାୟତର ସୁମାଣ୍ଡି ଗ୍ରାମର ଯୁବଚାଷୀ ଇନ୍ଦ୍ରଜିତ୍ ଛାଟୋଇଙ୍କର ଚାଷର କ୍ଷୟକ୍ଷତିକୁ ନେଇ ହୃଦଘାତରେ ମୃତ୍ୟୁବରଣ କରିଥିଲେ। ପ୍ରାୟ ୧୩ ଏକର ଜମିରେ ଧାନଠାରୁ ଆରମ୍ଭ କରି କୋବି ଓ ବାଇଗଣ ଚାଷ କରିଥିଲେ। ଅଦିନିଆ ବର୍ଷାରେ ତାଙ୍କର ସମସ୍ତ ଚାଷ ନଷ୍ଟ ହୋଇଯାଇଥିଲା। ପ୍ରାୟ ୨ଲକ୍ଷ ଟଙ୍କାରୁ ଅଧିକ ସୋସାଇଟି ଏବଂ ଘରୋଇ ଅନୁଷ୍ଠାନରୁ ଋଣ କରି ଚାଷ କାର୍ଯ୍ୟରେ ଇନ୍ଦ୍ରଜିତ୍ ବିନିଯୋଗ କରିଥିଲେ। ହେଲେ ତାଙ୍କର ସମସ୍ତ ଚାଷ ଉଜୁଡି ଯିବା ଫଳରେ କରିଥିବା ଋଣ କିପରି ପରିଶୋଧ କରିବେ ସେ ନେଇ ଅଧିକ ଚିନ୍ତାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ତାଙ୍କ ମୃତ୍ୟୁର ୫ଦିନ ବିତିଯାଇଥିଲେ ସୁଦ୍ଧା ଏଯାବତ୍ କୌଣସି ସରକାରୀ ଅଧିକାରୀ କିମ୍ବା ନିର୍ବାଚିତ ବିଧାୟକ ତାଙ୍କ ଘରେ ନ ପହଞ୍ଚିବା ପରିବାରର ଥିବା ତାଙ୍କର ବିଧବା ମାଆ, ବିଧବା ପତ୍ନୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଘୋର ଚିନ୍ତାରେ ରହିଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ପୂର୍ବତନ ବିଧାୟକ ଡକ୍ଟର ପ୍ରମୋଦ କୁମାର ମଲ୍ଲିକ ତାଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆଗାମୀ ଦିନରେ ଚାଷ କ୍ଷୟକ୍ଷତି ଭରଣା ପାଇଁ ସରକାରଙ୍କ ନିକଟରେ ଦୃଢ଼ ସ୍ୱର ଉତ୍ତୋଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏତଦ୍‌ବ୍ୟତୀତ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନର ମୁଖପାତ୍ର ପ୍ରମୋଦ କୁମାର ମହାପାତ୍ରଙ୍କ ତତ୍ତ୍ୱବଧାନରେ ସଂଯୋଜକ ଯୁଗଳ କିଶୋର ନାୟକ, ଆଇନଜୀବୀ ସୁକାନ୍ତ ନାୟକ, ଅକ୍ଷୟ ରାଉଳ, ଇଂ କ୍ଷୀରୋଦ ମହାପାତ୍ର, ଶ୍ରମିକନେତା ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ ପ୍ରମୁଖ ଏକ ଅନୁସନ୍ଧାନ ଦଳ ଇନ୍ଦ୍ରଜିତଙ୍କ ଘରେ ପହଞ୍ଚି ଚାଷକ୍ଷେତ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ପରିବାର ଲୋକଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ କିଭଳି ମୃତ ଚାଷୀଙ୍କ ପରିବାର ସରକାରୀ ସହାୟତା ପାଇପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଚୌଦ୍ୱାର, ୮।୧(ସମିସ): ଟିପିଏମ୍ ଫାଣ୍ଡି ଅନ୍ତର୍ଗତ ମହାଳପଡ଼ା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣକର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ମହାଳପଡ଼ାର ଉମାଶଙ୍କର ନାୟକ(୩୬)। ନିଜ ଘରେ ବିଦ୍ୟୁତ ଲାଇନ୍ ସଜାଡୁଥିବାବେଳ ହଠାତ୍ ଉମାଶଙ୍କରଙ୍କୁ ବିଦ୍ୟୁତ ଆଘାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ନିକଟସ୍ଥ ବ୍ରହ୍ମପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି।

## କେନାଲ କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟକ



ନିଶ୍ଚିନ୍ତକୋଇଲି, ୮।୧(ସମିସ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଦ୍ୱିପାଞ୍ଚଳରେ କୃଷିର ବିକାଶ ପାଇଁ ଜଳସେଚନର ସୁବିଧା ନିମନ୍ତେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏକ ଦୃଢ ପଦକ୍ଷେପ ଗ୍ରହଣ କରିଛନ୍ତି। ଚାଷୀମାନେ କୃଷି କାର୍ଯ୍ୟ ପାଇଁ ନିର୍ଭର କରୁଥିବା ପୁଦାଲୋ ଶାଖା କେନାଲ ଭିତରର ତଳ ଓ ଉଭୟ ପାର୍ଶ୍ୱ ବନ୍ଧକୁ ଢଳେଇ ଦ୍ୱାରା ଲାଇନିଂ କରାଯିବା ପାଇଁ ୧୩ କୋଟି ୨୦ଲକ୍ଷ ୯୫ହଜାର ଟଙ୍କା ସରକାରୀ ଅନୁଦାନ ଯୋଗାଇଦେଇଛନ୍ତି। ଜଳସେଚନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଖୁବଶୀଘ୍ର ଆରମ୍ଭ କରାଯିବା ନିମନ୍ତେ ନରେନ୍ଦ୍ରପୁର ସେକ୍ସନ ବଜାର ଓ ନଗସପୁର ବାଲିଗଡ଼ା ସୁରେନ୍ଦ୍ର ପଟ୍ଟନାୟକ ଛକ ଦୁଇଟି ସ୍ଥାନରେ ବିଧାୟକ ଶ୍ରୀ ପ୍ରଧାନ ଉକ୍ତ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କେନାଲର ନରେନ୍ଦ୍ରପୁର ଠାରୁ ନାଗଣପୁର ପର୍ଯ୍ୟନ୍ତ ୩ କିମି ୩୦୦ମିଟର କେନାଲର ଦୈର୍ଘ୍ୟ ପାଇଁ ୬ କୋଟି ୮୬ ଲକ୍ଷ ୫୧ହଜାର ଓ ତିଳକଣା ଠାରୁ ବାଲିଗଡ଼ା ପର୍ଯ୍ୟନ୍ତ ୭ କିମି ୨୫୦ମିଟର ଦୈର୍ଘ୍ୟ ପାଇଁ ୬ କୋଟି ୩୪ଲକ୍ଷ ୪୪ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାଯାଇଛି। ଉକ୍ତ କାର୍ଯ୍ୟକୁ ଓସିସି କମ୍ପାନୀ ଦ୍ୱାରା କରାଯାଉଥିଲାବେଳେ ଜଳସେଚନ ବିଭାଗ ଏହାର ତଦାରଖ କରିବେ ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଅକ୍ଷୟ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବନେତା ଦେବଦତ୍ତ କର, ସରପଞ୍ଚ ନମିତା ରାୟ, ସମିତିସଭ୍ୟ ପ୍ରଫୁଲ୍ଲ ସାହୁ, ଅକ୍ଷୟ ନନ୍ଦି, ସନ୍ତୋଷ ସିଂ, ସୁଧିର ଦାସ, ମୁକୁନ୍ଦ ନାୟକଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।





ଲୋକକଳା ଓ ନୃତ୍ୟ ମାଧ୍ୟମରେ ପ୍ରବାସୀଙ୍କୁ ସ୍ୱାଗତ

ବୁଧବାର ଭୁବନେଶ୍ୱରରେ ଯେଉଁ ପ୍ରବାସୀ ଭାରତୀୟମାନେ ପହଞ୍ଚିଲେ ସେମାନଙ୍କୁ ସ୍ୱାଗତ କରିବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ବିବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପାରମ୍ପରିକ ଭାବେ ଲୋକକଳା ଓ ନୃତ୍ୟ ମାଧ୍ୟମରେ ସ୍ୱାଗତ କରାଯାଇଥିଲା।

## ପର୍ଯ୍ୟଟନ ଓ ନିବେଶ ଦୃଷ୍ଟିରୁ ଓଡ଼ିଶା ଅନୁକୂଳ: କେ. ଭି

ପୂର୍ବ ଭାରତର ପ୍ରବେଶ ପଥ ଭାବେ ପରିଚିତ ଓଡ଼ିଶା ପ୍ରାକୃତିକ ସମ୍ପଦର ଗନ୍ତାଘର। ୪୮୦ କିଲୋମିଟର ବିସ୍ତୀର୍ଣ୍ଣ ବେଳାଭୂମି, ପରିବ୍ୟାପ୍ତ ନଦୀ, ପରିପୂର୍ଣ୍ଣ ଖଣିଜ ସମ୍ପଦ, ହଜାର ହଜାର ଏକର ଅରଣ୍ୟ ହେଉଛି ଓଡ଼ିଶାର ଶକ୍ତି, ତା'ସହ କୁଶଳୀ ଓ ଦକ୍ଷ ମାନବସମ୍ବଳ ଉପଲବ୍ଧ। ଯାହାକି ଅନ୍ୟ ରାଜ୍ୟଗୁଡ଼ିକଙ୍କ ତୁଳନାରେ ପର୍ଯ୍ୟଟନ ଓ ନିବେଶ ଦୃଷ୍ଟିରୁ ଓଡ଼ିଶା ନିବେଶକଙ୍କ ପାଇଁ ଅତ୍ୟନ୍ତ ଅନୁକୂଳ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ପ୍ରବାସୀ ଭାରତୀୟ ଦିବସରେ ଅନୁଷ୍ଠିତ 'ଅପାର ସମ୍ଭାବନାର ଭୂମି ଆମ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ରରେ ଶ୍ରୀ ସିଂହଦେଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହିତ ଦେଶ ବିଦେଶ ସହ ବିମାନ ସଂଯୋଗୀକରଣକୁ ଅଧିକ ଉନ୍ନତ କରିପାରିଲେ ଓଡ଼ିଶାରର ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ଏଥିରେ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ, ପଦ୍ମଭୂଷଣ ଅଭିନବ ବିନ୍ଦ୍ରା, ବିଶ୍ୱ ଦକ୍ଷତା କେନ୍ଦ୍ର ମୁଖ୍ୟ ଦକ୍ଷତା ଅଧିକାରୀ ବ୍ରୁନ୍ସ ପୋହ, ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଧ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




# ପର୍ଯ୍ୟଟନ କ୍ଷେତ୍ରରେ ଅଗ୍ରଣୀ ହେବ ଓଡ଼ିଶା: ପ୍ରଭାତୀ



ଓଡ଼ିଶାର କଳା, ସଂସ୍କୃତି, ଇତିହାସ ଏବଂ ପରମ୍ପରା କାଳଜୟୀ ହୋଇଥିବାବେଳେ ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟରେ ଭରପୁର ଆମ ରାଜ୍ୟର ଲୋକକଳା, ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ସଙ୍ଗୀତ ଓ ଖାଦ୍ୟ ପରମ୍ପରାର ସ୍ୱାତନ୍ତ୍ର୍ୟ ଅନ୍ତର୍ଜାତୀୟସ୍ତରରେ ସ୍ୱୀକୃତ। ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ କରାଇବା ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀର ପ୍ରଥମ ଦିନ "ଓଡ଼ିଶାର ଶ୍ରେଷ୍ଠ ସୁରକ୍ଷିତ ରହସ୍ୟର ଉନ୍ମୋଚନ' ପ୍ରସଙ୍ଗ ଉପରେ ଆୟୋଜିତ ଅଧିବେଶନରେ ଶ୍ରୀମତୀ ପରିଡ଼ା ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ଭାବନାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ଆମ ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷିତ କରିବା ସହିତ ଲୋକକଳା ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ଇକୋ-ରିଟ୍ରିଟ୍‌ଗୁଡ଼ିକର ବହୁଳ ପ୍ରଚାରପ୍ରସାର କରିବା ସହ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଓଡ଼ିଶାର ମହିଳାମାନଙ୍କର ଅଗ୍ରଣୀ ଭୂମିକା ରହିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଏଥିରେ ଜି-୨୦ର ଅମିତାଭ କାନ୍ତ, ସେଫ୍ ସଂଜୀବ କପୁର, ଲଳିତ ସୁରୀ ହସପିଟାଲିଟି ଗ୍ରୁପ୍‌ର ସିଏମ୍‌ଡି ଜ୍ୟୋତ୍ସ୍ନା ସୁରୀ, ଓଡ଼ିଶା ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନସଚିବ ବଲୱନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନ୍ୱିତା ଏମ ଭଞ୍ଜଦେଓ ସଂଯୋଜନା କରିଥିଲେ।

## ନନ୍ଦନକାନନ ବୁଲିଲେ ମାତ୍ର ୧୩ ପ୍ରବାସୀ



ରାଜ୍ୟ ରାଜଧାନୀ ଭୁବନେଶ୍ୱର ଜନତା ମୈଦାନରେ ଆରମ୍ଭ ହୋଇଛି ପ୍ରବାସୀ ଭାରତୀୟ ସମ୍ମିଳନୀ। ଭୁବନେଶ୍ୱର ଆଖପାଖରେ ଥିବା ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଏନେଇ ସୁସଜ୍ଜିତ କରି ସୁନ୍ଦର କରାଯାଇଛି। ପ୍ରବାସୀ ଭାରତୀୟମାନେ ନନ୍ଦନକାନନ ବୁଲି ଆସିବାକୁ ନେଇ କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ନେବା ସହ ନନ୍ଦନକାନନକୁ ସୁସଜ୍ଜିତ କରିଛନ୍ତି। ପ୍ରବାସୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେଇଛନ୍ତି। ମଲ୍ଟିଲେଭେଲ୍ ପାର୍କିଂ ପରିସରରେ ପ୍ରବାସୀ ଭାରତୀୟ ପରିଦର୍ଶକଙ୍କ ପାଇଁ ସହାୟତା କେନ୍ଦ୍ର କରାଯାଇଛି। ପୃଥକ୍ ପାର୍କିଂ ସୁବିଧା ଯୋଗାଇ ଦିଆଯାଇଛି। ନନ୍ଦନକାନନ ପ୍ରସ୍ଥାନ ପଥ ଦେଇ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରବେଶ ଓ ପ୍ରସ୍ଥାନ କରିବା ବ୍ୟବସ୍ଥା କରାଯାଇଛି। ତାଲିମପ୍ରାପ୍ତ ଗାଇଡ୍/ସ୍ୱେଚ୍ଛାସେବୀଙ୍କ ସହିତ ବ୍ୟାଟେରିଚାଳିତ ଗାଡ଼ି ଯୋଗାଇ ଦିଆଯାଇଛି। ପୁଲିସ ପକ୍ଷରୁ ମଧ୍ୟ କେନ୍ଦ୍ର ଖୋଲାଯାଇଛି। ନନ୍ଦନକାନନ ଥାନା ଅଧିକାରିଣୀ ସମିତା ମିଶ୍ର ସମସ୍ତ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି। କିନ୍ତୁ ବୁଧବାର ମାତ୍ର ୧୩ ଜଣ ପ୍ରବାସୀ ନନ୍ଦନକାନନ ବୁଲିବାକୁ ଆସିଛନ୍ତି। ଯାହା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ୪ଟି ଦେଶ ଯଥା- କତାର, ମେଲ୍‌ବର୍ଣ୍ଣ, ୟୁଏଇ ଓ କାନାଡ଼ାର ୧୩ଜଣ ପ୍ରବାସୀ ଭାରତୀୟ ନନ୍ଦନକାନନ ପରିଦର୍ଶନରେ ଆସିଥିଲେ। ସେମାନଙ୍କ ମଧ୍ୟରେ ବଡ଼ ୧୦ଜଣ ଓ ଶିଶୁ ୩ ଜଣ ଅଛନ୍ତି।








## ସକାଳେ ମାଣ୍ଡିଆ, ମଧ୍ୟାହ୍ନ ଭୋଜନରେ ଓଡ଼ିଆ ଥାଳି
## ମହକିଲା ପୋଡ଼ପିଠା, ଶୁଖୁଆ ବେସର ଓ ବାମ୍ବୋ ମଟନ

ରାଜଧାନୀର ପ୍ରାୟ ସମସ୍ତ ହୋଟେଲଗୁଡ଼ିକ ପ୍ରବାସୀମାନଙ୍କ ନିମନ୍ତେ ବୁକିଂ ହୋଇଛି। ସେଠାରେ ସେମାନଙ୍କ ସୁରକ୍ଷିତ ରହଣୀକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସକାଳ ଜଳଖିଆଠାରୁ ଆରମ୍ଭ କରି ମଧ୍ୟାହ୍ନ, ରାତ୍ରୀ ଭୋଜନ ସାଙ୍ଗକୁ ସ୍ନାକ୍ସ ଭୋଜନକୁ ମଧ୍ୟ ବେଶ୍ ପ୍ରାଧାନ୍ୟ ଦିଆଯାଇଛି। ପ୍ରବାସୀମାନଙ୍କୁ ଓଡ଼ିଶାର ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଇଛି। ହୋଟେଲଗୁଡ଼ିକରେ ସକାଳ ଜଳଖିଆରେ ସେମାନଙ୍କ ମନପସନ୍ଦର ଖାଦ୍ୟ ସାଙ୍ଗକୁ ରହିଥିଲା ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ। ସେହିପରି ମଧ୍ୟାହ୍ନ ଭୋଜନରେ ଚାଇନିଜ୍, କଣ୍ଟିନେଣ୍ଟାଲ ଆଦି ଭଳି କି ଭଳି ଖାଦ୍ୟ ରହିଥିଲା। ତେବେ ବୁଧବାର ଆମିଷ ବାର ପଡ଼ିଥିବାରୁ ସ୍ପେଶାଲ ମାଛ ବେସର, ବାମ୍ବୋ ମଟନ୍, ଦେଶୀ ଚିକେନ୍, ଚୁନା ମାଛ ପତ୍ରପୋଡ଼ା ସାଙ୍ଗକୁ ରହିଥିଲା ଶୁଖୁଆ ବେସର। ସେହିପରି ସ୍ପେଶାଲ ଓଡ଼ିଆ ଥାଳିରେ ରହିଥିଲା ଭାତ, ଡାଲମା, ଶାଗଭଜା, ବଡ଼ିଚୁରା, ଛତୁ ବେସର, ଆଳୁ ଭର୍ତ୍ତା, ଛେନାପୋଡ଼, ପୋଡ଼ପିଠା। ସେହିପରି ସନ୍ଧ୍ୟା ସ୍ନାକ୍ସରେ ଚା', କଫି, ବ୍ଲାକ୍ ନ ଭଳି ବିଭିନ୍ନ ଫ୍ଲେଭରର ଚା' ସାଙ୍ଗକୁ ରହିଥିଲା ମାଣ୍ଡିଆରୁ ପ୍ରସ୍ତୁତି ବିଭିନ୍ନ ସ୍ନାକ୍ସ ଏବଂ ରାତ୍ରୀଭୋଜନରେ ଅପସନାଲ ରହିଥିଲା ଖେଚୁଡ଼ି। ତେବେ ପ୍ରଥମ ଥର ଶୁଖୁଆ ଖାଇ ବେଶ୍ ପ୍ରଶଂସା କରିବା ସହ ସମସ୍ତ ଆଇଟମ୍ ପ୍ରବାସୀମାନେ ପ୍ରଶଂସା କରିଛନ୍ତି। ତେବେ ଗୁରୁବାର ମଧ୍ୟାହ୍ନରେ ଅନନ୍ତ ବାସୁଦେବ ମନ୍ଦିରର ଅବଢ଼ା ପରଷାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

## ରାମାୟଣ ବୁଝିଲେ ପ୍ରବାସୀ

ଶ୍ରୀରାମଙ୍କ କଥାବସ୍ତୁକୁ ପ୍ରବାସୀମାନେ ବୁଝିଛନ୍ତି। ପ୍ରଦର୍ଶନୀରେ ଚିତ୍ର ଓ ପ୍ରତିମୂର୍ତ୍ତି ସାହାର୍ଯ୍ୟରେ ବର୍ଣ୍ଣନା କରାଯାଇଥିବା ପ୍ରଭୁଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ ପ୍ରବାସୀମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଏହିଥିରେ ପ୍ରଭୁ କିପରି ଭାବେ ବନବାସ ଯିବା ସମୟର ପିନ୍ଧିଥିବା ପୋଷାକ ହେଉକୁ ମନ୍ଦିରରେ ରାମ, ସୀତା, ଲକ୍ଷ୍ମଣଙ୍କ ପୂଜା ମୂର୍ତ୍ତିରହିଥିବା ବେଳେ ନୌକାରେ କିପରି ଭାବେ ନଦୀପାର ହେଉଛନ୍ତି ଏହାକୁ ମଧ୍ୟ ଚିତ୍ରିତ କରାଯାଇଛି। ଅନୁଷ୍ଠିତ ପ୍ରଦର୍ଶନୀରେ ଅଯୋଧ୍ୟା କାଣ୍ଡ ଅରଣ୍ୟକାଣ୍ଡ, ସୁନ୍ଦରାକାଣ୍ଡ, ରାମଙ୍କର ବିଭିନ୍ନ ନାମକୁ ବିଷୟରେ ହିନ୍ଦୀ ଓ ଇଂରାଜୀରେ ଲେଖାଯାଇଛି। ତତ୍‌ସହ ସ୍ୱର୍ଣ୍ଣ ହରିଣ ଓ ହନୁମାନ ରାବଣଙ୍କୁ ମଧ୍ୟ ସ୍ଥାନିତ କରାଯାଇଛି ଯାହାକୁ ପ୍ରବାସୀମାନେ ପ୍ରଶଂସା କରିଛନ୍ତି।

## ସେଫ୍‌ଙ୍କ ମୁହଁରେ ଛେନା ପୋଡ଼ର ପ୍ରଶଂସା

ଫ୍ଲାଇଟ୍ ସମୟ ହେଲାଣି ହେଲେ ଛେନା ପୋଡ଼ ଖାଇବା ପାଇଁ ଟିକେ ଅପେକ୍ଷା କରିବାକୁ ପଡ଼ିବ ଏବଂ ଏହାକୁ ସାଙ୍ଗରେ ନେଇକି ଯିବା ବୋଲି ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗ ଦୋଇଥିବା ସେଫ୍ ସଞ୍ଜିବ୍ କପୁର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଓଡ଼ିଶାର ଖାଦ୍ୟ ପଦାର୍ଥ ସବୁଠାରୁ ସ୍ୱତନ୍ତ୍ର। ଯାହାକି ଅନ୍ୟ କୌଣସି ସ୍ଥାନରେ ମିଳିବ ନାହିଁ। ଏଠାକର ଲୋକ ବହୁତ ଭାଗ୍ୟବାନ ଯାହାକି ଏହି ସବୁ ଖାଦ୍ୟ ସବୁଦିନ ସେମାନଙ୍କୁ ମିଳିପାରୁଛି ବୋଲି ସେ କହିଛନ୍ତି।

## ଗ୍ୟାଲେରୀ କହୁଛି ସଂସ୍କୃତି କଥା

-ଓଡ଼ିଶାର ହସ୍ତତନ୍ତ, କଳାକୃତି, କାରୁକାର୍ଯ୍ୟ, ପଟ୍ଟଚିତ୍ର, ତୁଳସୀ ଚଉରା ସହ ଜଗନ୍ନାଥଙ୍କ ରଥ ଓ ସୁନା ବେଶକୁ ମଧ୍ୟ ସ୍ଥାନିତ କରାଯାଇଛି। ଏହାକୁ ଦେଖି ପ୍ରବାସୀମାନେ ଏହି ଦେଖି ବିଭୋର ହୋଇଛନ୍ତି। ସବୁରି ଆରାଧ୍ୟ ପ୍ରଭୁ ଜଗନ୍ନାଥଙ୍କ ବେଶ ସହ ସଂସ୍କୃତି, ପରମ୍ପରା ବିଷୟରେ ଜାଣିବା ସହ ରଥଯାତ୍ରା ସମୟରେ ବଡଦାଣ୍ଡରେ ଲୋକଙ୍କ ଭିଡ଼ ରହିଛି ଏହାକୁ ଏକ ପଟ୍ଟଚିତ୍ରରେ ଦୃଶ୍ୟାପଟ କରାଯାଇଛି।

## ବିଶ୍ୱ ଦେଖୁଛି ମାଣବସା ପରମ୍ପରା

ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ପ୍ରବାସୀମାନେ ଓଡ଼ିଶାରେ କିପରି ଭାବେ ମାଣବସା ପରମ୍ପରା ଅନୁଷ୍ଠିତ ହୋଇଥାଏ ଏହାକୁ ଦେଖିଛନ୍ତି। ଝୋଟି ଚିତା ସହ ଧାନରେ କିପରି ଭାବେ ଧନ ଲକ୍ଷ୍ମୀ ବେଶ ହୋଇଛନ୍ତି ଏହାକୁ ପ୍ରବାସୀମାନେ ଦେଖିଛନ୍ତି।

## ସାରାରାତି ଖୋଲାରହିବ ବୟନିକା

-ପ୍ରବାସୀ ଭାରତୀୟଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ବୟନିକା। ଆଜି ସନ୍ଧ୍ୟାରେ ବୟନିକାରେ ସେମାନେ ବେଶ୍ ଭିଡ଼ ଜମାଇବା ସହ ଓଡ଼ିଶାର ହସ୍ତତନ୍ତ କାରିଗରୀକୁ ଦେଖି ଚମତ୍କୃତ ହୋଇ ଉଠିଥିଲେ। ଏପଟେ ବୟନିକା ପକ୍ଷରୁ ମଧ୍ୟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବୟନିକାର ନାଇଟ୍ ବଜାର ଖୋଲା ରହିବ ବୋଲି ନିଷ୍ପତି ନିଆଯାଇଛି। ବିଶେଷକରି ରାତିରେ ଗ୍ରାହକଙ୍କ ପାଇଁ ଅଧିକ ପାଞ୍ଚ ପ୍ରତିଶତ ରିହାତି ରହିଛି।

## ପାରମ୍ପରିକ ନୃତ୍ୟରେ ପ୍ରବାସୀଙ୍କୁ ସ୍ୱାଗତ

ବିମାନବନ୍ଦରରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ସହ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରାଯାଇଛି। ଏହି ନୃତ୍ୟକୁ ଦେଖି କେବଳ ସେମାନେ ଖୁସି ହୋଇ ନ ଥିଲେ ବରଂ ସାମିଲ ହୋଇ ନିଜେ ମଧ୍ୟ ଏହି ନୃତ୍ୟକୁ ଉପଭୋଗ କରିଥିଲେ। ଏହା ସହିତ ଓଡ଼ିଶାର କଳା, ସଂସ୍କୃତି ସହିତ ପରିଚିତ ହେବାର ଏହି ସୁଯୋଗ ପାଇ ନିଜ ଖୁସି ବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀ କିପରି ସେମାନଙ୍କ ପାଇଁ ଏକ ମଞ୍ଚ ପ୍ରଦାନ କରୁଛି, କିପରି ଓଡ଼ିଶା ଏହି ସମ୍ମିଳନୀ ମାଧ୍ୟମରେ ବିଶ୍ୱସ୍ତରରେ ନିଜର ପରିଚୟ ଗଢ଼ିପାରିବ ଏବଂ ଏହି ତିନିଦିନ କଣ ଗୁରୁତ୍ୱ ବହନ କରୁଛି ସେ ସମ୍ପର୍କରେ ମତ ଦେଇଥିଲେ।

